ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.211 Bhubaneswar Friday, October 08, 2021 | ୨୪ତମ ବର୍ଷ ସଂଖ୍ୟା-୨୧୧ ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୦୮, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS




ବଡ଼ଚଣା ନିର୍ବାଚମଣ୍ଡଳୀର ପୂର୍ବତନ ବିଜେପି ମଣ୍ଡଳ ସଭାପତି ତଥା ଯାଜପୁର ଜିଲ୍ଲାର ଜଣାଶୁଣା କୃଷକ ନେତା ଶ୍ରୀ ଶାରଦା ରାଉତଙ୍କ ପ୍ରଥମ ଶ୍ରାଦ୍ଧ ଦିବସ ଉପଲକ୍ଷେ ଆୟୋଜିତ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବରେ ଉପସ୍ଥିତ ପୂର୍ବତନ ଯାଜପୁର ଜିଲ୍ଲା ସଭାପତି ତଥା ବରିଷ୍ଠ ବିଜେପି ନେତା ଶ୍ରୀ ଜଗନ୍ନାଥ ସାମଲ, ବଡ଼ଚଣା ବିଜେପି ନେତା ଅମର ନାୟକ, ଅଶୋକ ସାମଲ, ନିତ୍ୟାନନ୍ଦ ମହାଳିକ, ଦୀପକ ଦାସ ଏବଂ ଅନ୍ୟାନ୍ୟ ନେତୃବୃନ୍ଦ

## ଦ୍ୱିତୀୟ ଡୋଜ୍ ଉପରେ ଦିଆଯାଉଛି ଗୁରୁତ୍ୱ

ଭୁବନେଶ୍ୱର, ୭।୧୦(ପି.ଏନ): ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ମୋଟ ୩ କୋଟି ୨୧ ଡୋଜ ଟିକାକରଣ ହୋଇଛି। ୨ କୋଟି ୩୦ ଲକ୍ଷ ପ୍ରଥମ ଡୋଜ ଏବଂ ୯୧ ଲକ୍ଷ ଦ୍ୱିତୀୟ ଡୋଜ ଟିକାକରଣ କରାଯାଇଛି। ଯେଉଁମାନଙ୍କର ଦ୍ୱିତୀୟ ଡୋଜ ଟୀକା ନେବାର ସମୟ ହୋଇଛି ସେମାନଙ୍କ ମଧ୍ୟରୁ ୮୦ ପ୍ରତିଶତ ନେଇଛନ୍ତି। ଅବଶିଷ୍ଟ ୨୦ ପ୍ରତିଶତ ଲୋକଙ୍କୁ କିପରି ଦିଆଯିବ, ତାହା ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ କହିଛନ୍ତି। ସ୍ୱାସ୍ଥ୍ୟ କର୍ମୀ, ଆଶା ଓ ଅଙ୍ଗନବାଡି କର୍ମୀଙ୍କ ସହାୟତାରେ ଟିକାକରଣ ପାଇଁ ପ୍ରୟାସ କରାଯାଉଛି। ୧୫ ଦିନ ପୂର୍ବରୁ ୩୩ ଲକ୍ଷ ଲୋକ ଦ୍ୱିତୀୟ ଡୋଜ ନେବାକୁ ଥିବା ବେଳେ ଏବେ ୨୧ ଲକ୍ଷ ଲୋକ ଅଛନ୍ତି। ବର୍ତ୍ତମାନ ୨୩ ଲକ୍ଷ ଡୋଜ ଟିକା ମହଜୁଦ ଅଛି। ଦୈନିକ ୪ ଲକ୍ଷ ଟିକାକରଣ ପାଇଁ ଲକ୍ଷ୍ୟ ରହିଛି।' ଡିସେମ୍ବର ଶେଷ ସୁଦ୍ଧା ସମସ୍ତଙ୍କୁ ପ୍ରଥମ ଡୋଜ ଟିକାକରଣ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଭିନ୍ନକ୍ଷମ, ବୟସ, ଶଯ୍ୟାଶାୟୀ ବ୍ୟକ୍ତିଙ୍କୁ ଘରେ ଟିକା ଦିଆଯିବା ନେଇ ଜିଲ୍ଲା ସ୍ତରରେ ପ୍ରୟାସ ଆରମ୍ଭ ହୋଇଛି। ଜିଲ୍ଲା ସ୍ତରରେ ହେଲ୍ପଲାଇନ ନମ୍ବର କରାଯାଇଛି। ସେମାନେ ପବ୍ଲିସ୍ କରିବେ। ସେହି ନମ୍ବରରେ ଯୋଗାଯୋଗ କଲେ ଘରେ ପହଂଚି ଟିକାକରଣ କରାଯିବ। ଏହି ଯୋଜନା ୩-୪ ଦିନ ମଧ୍ୟରେ କାର୍ଯ୍ୟକାରୀ ହେବ ବୋଲି ଆଶା କରାଯାଉଛି। ପୂର୍ବରୁ ଘର ପାଖରେ ଟିକାକରଣ କେନ୍ଦ୍ର କରାଯାଇଥିଲେ ବି ଅନେକ ଲୋକ ଆସିପାରିଲେନି। ଯେଉଁମାନେ ଟିକାକରଣ କେନ୍ଦ୍ରକୁ ଆସି ପାରୁନାହାନ୍ତି, କେବଳ ସେମାନଙ୍କୁ ଘରେ ଟିକା ଦିଆଯିବ। ଗୋଟିଏ ଡୋଜ ନେଲେ ପୂର୍ଣ୍ଣ ରୂପରେ ସୁରକ୍ଷିତ ନୁହେଁ। ତେଣୁ ଦ୍ୱିତୀୟ ଡୋଜ ନେବା ଜରୁରୀ। ବିଳମ୍ବ ହେଲେ ବି ଦ୍ୱିତୀୟ ଡୋଜ ନେବା ଜରୁରୀ।

# ଗୋଟିଏ ଦିନରେ ୫୮୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୭।୧୦(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୫୮୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୨୯୯୯୪ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୮୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୧୬ ହଜାର ୫୯୪ହୋଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୫୧୧୩ ରହିଛି। ଆଜି ଚିହ୍ନଟ ହୋଇଥିବା ୫୮୨ ଜଣଙ୍କ ମଧ୍ୟରୁ ୩୩୭ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୪୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୫ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୨୮୨ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ ବାଲେଶ୍ୱରରୁ ୧୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଭଦ୍ରକରୁ ୩ ଜଣ, ବଲାଙ୍ଗୀର ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୪୬ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ୨ ସଂକ୍ରମିତ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ , ଗଜପତି ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଂଜାମ ଜିଲ୍ଲାରୁ ୪,ଜଗତସିଂହପୁର ଜିଲ୍ଲାରୁ ୨୪ ଜଣ, ଯାଜପୁରରୁ ୨୪ ଜଣ ସଂକ୍ରମିତ ହୋଇଥିବା ବେଳେ , ଝାରସୁଗୁଡ଼ାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୧ , କନ୍ଧମାଳ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦ୍ରାପଡ଼ାରୁ ୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୨୮୨ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ଚିହ୍ନଟ ହୋଇ ନାହାନ୍ତି। ମୟୂରଭଞ୍ଜରୁ ୨୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇ ଛନ୍ତି। ନୟାଗଡ଼ରୁ ୫ ଜଣ ସଂକ୍ରମିତ ହୋଇଥିବା ବେଳେ ନୂଆପଡ଼ାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀରୁ ୨୧ ଜଣ, ରାୟଗଡ଼ାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସମ୍ବଲପୁରରୁ ୨୧, ସୋନପୁରରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୁନ୍ଦରଗଡ଼ରୁ ୭ ଜଣ ଓ ଷ୍ଟେଟ୍ ପୁଲରୁ ୬୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ପାରାଦୀପ ବନ୍ଦରର ନୂତନ ଅଧ୍ୟକ୍ଷ ଭାବେ ଯୋଗ ଦେଲେ ପୋଲାମରାଜୁ ଲକ୍ଷ୍ମୀ ହାରାନ୍ଦ



ପାରାଦୀପ, (ରାମଚନ୍ଦ୍ର ସ୍ୱାଇଁ), ୭।୧୦ (ପି.ଏନ): ପାରାଦୀପ ବନ୍ଦରର ନୂତନ ଅଧ୍ୟକ୍ଷ ଭାବେ ପୋଲାମରାଜୁ ଲକ୍ଷ୍ମୀ ହାରାନ୍ଦ ଯୋଗ ଦେଇଛନ୍ତି। ପାରାଦୀପରେ ପହଞ୍ଚିବା ପରେ ପ୍ରଥମେ ଜଗନ୍ନାଥ ମନ୍ଦିର ଯାଇ ଆଶୀର୍ବାଦ ନେବା ପରେ ବନ୍ଦର ପ୍ରଶାସନିକ କାର୍ଯ୍ୟାଳୟରେ ବନ୍ଦର ପକ୍ଷରୁ ତାଙ୍କୁ ସ୍ୱାଗତ କରାଯିବା ସହିତ ଗାର୍ଡ ଅଫ ଅର୍ନର ଦିଆଯାଇଥିଲା। ପରେ ବନ୍ଦର କର୍ମଚାରୀମାନଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା ।ନୂତନ ଅଧ୍ୟକ୍ଷ ପୋଲାମରାଜୁ ଲକ୍ଷ୍ମୀ ହାରାନ୍ଦ ଦାୟିତ୍ୱ ଗ୍ରହଣ କରିବା ପରେ କହିଛନ୍ତି, ଭାରତର ଦ୍ୱିତୀୟ ମେଜର ପୋର୍ଟର ମାନ୍ୟତା ପାଇଥିବା ପାରାଦୀପ ବନ୍ଦର ପଣ୍ୟ କାରବାରରେ ମହତ୍ୱପୂର୍ଣ୍ଣ ଭୂମିକା ନେଉଛି। ବନ୍ଦରରେ ଦକ୍ଷ କର୍ମଚାରୀ ରହିଛନ୍ତି। ବହୁ ନୂତନ ପ୍ରୋଜେକ୍ଟର କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି। ବନ୍ଦରର ଅଧ୍ୟକ୍ଷ ଭାବେ ଯୋଗ ଦେଇ ମୁଁ ଗର୍ବିତ, ମୋତେ ଯେଉଁ ଦାୟିତ୍ୱ ଦିଆଯାଇଛି, ତାହାକୁ ସାକାର କରିବା ସହିତ ପାରାଦ୍ୱୀପ ବନ୍ଦରକୁ ଏକ ନମ୍ବର ମେଜର ପୋର୍ଟ କରିବା ପାଇଁ ପ୍ରୟାସ କରିବି ।

## ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ଦୀପକ ଷଡ଼ଙ୍ଗୀଙ୍କ ପରଲୋକ



ବାରିପଦା, ୭।୧୦(ପି.ଏନ): ଏମପିସି କଲେଜ ବାରିପଦାର ପୂର୍ବତନ ଅଧ୍ୟକ୍ଷ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପୂର୍ବତନ ସଭାପତି ବିଶେଷ ଶିକ୍ଷାବିତ ଦୀପକ ଷଡଙ୍ଗୀଙ୍କର ପରଲୋକ ହୋଇଯାଇଅଛି। ଓଡ଼ିଶାର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ମୋରଡ଼ା ବିଧାୟକ ଶ୍ରୀ ରାଜକିଶୋର ଦାସ, ବାରିପଦା ବିଧାୟକ ଶ୍ରୀ ପ୍ରକାଶ ସୋରେନ, ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି, ପୂର୍ବତନ ବିଧାନସଭା ଉପବାଚସ୍ପତି ସାନନ୍ଦ ମାରଣ୍ଡି, କେନ୍ଦ୍ରମନ୍ତ୍ରୀ ଶ୍ରୀ ବିଶେଶ୍ୱର ଟୁଡୁ, ପୂର୍ବତନ ସାଂସଦ ସୁଶ୍ରୀ ସୁଶିଳା ତିରିଆ, ପୂର୍ବତନ ବିଧାୟକ କିଶୋର ଦାସ, ଓ୍ୱାରଙ୍ଗଲ ଡିଆରଏନ୍ ଶ୍ରୀ ଅନୁପ ଶତପଥୀ, ପର୍ଯ୍ୟବେକ୍ଷକ ଓ ଦି' କଳିଙ୍ଗ କ୍ରୋନିକିଲ୍‌ର ମୁଖ୍ୟ ସମ୍ପାଦକ ଡକ୍ଟର ପବିତ୍ର ମୋହନ ସାମନ୍ତରାୟ, ପୂର୍ବତନ ଭୁବନେଶ୍ୱର ସାଂସଦ ଡକ୍ଟର ପ୍ରସନ୍ନ ପାଟଶାଣୀ ପ୍ରମୁଖ ଶୋକ ବ୍ୟକ୍ତ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି।

## ମୋଦୀ ସରକାରଙ୍କର ବିମୁଦ୍ରୀକରଣ ଯୋଜନାକୁ ବାତିଲ ଓ ଲକ୍ଷ୍ମୀପୁରରେ କୃଷକଙ୍କ ହତ୍ୟାକାରୀଙ୍କୁ ଗିରଫ ଦାବୀ




ଭୁବନେଶ୍ୱର ତା. ୦୮.୧୦.୨୦୨୧ ରିଖ: ମୋଦୀ ସରକାରଙ୍କର ବିମୁଦ୍ରୀକରଣ ଯୋଜନାକୁ ବାତିଲ ଓ ଲକ୍ଷ୍ମୀପୁରରେ କୃଷକଙ୍କ ହତ୍ୟାକାରୀଙ୍କୁ ଗରିଫ ଦାବୀ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଆଇ.ଏନ୍.ଟି.ୟୁ.ସି., ଏ.ଆଇ.ଟି.ୟୁ.ସି., ସି.ଆଇ.ଟି.ୟୁ., ଏ.ଆଇ.ୟୁ.ଟି.ୟୁ.ସି., ଏ.ଆଇ.ସି. ସି.ଟି.ୟୁ., ଟି.ୟୁ.ସି.ସି ଓ ସେଓ୍ୱା ପକ୍ଷରୁ ପ୍ରତିବାଦ ବିକ୍ଷୋଭ କରାଯାଇଛି। ମୋଦୀ ସରକାର ମୁଦ୍ରୀକରଣ ଯୋଜନା ନାମରେ ଦେଶକୁ ବିକିବାର ଚେଷ୍ଟା କରୁଛନ୍ତି ତାହାକୁ ଶ୍ରମିକ ଶ୍ରେଣୀ ରକ୍ଷା କରିବାକୁ କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଆସନ୍ତା ୪ ବର୍ଷ ମଧ୍ୟରେ ୬ ଲକ୍ଷ କୋଟି ଟଙ୍କା ଆୟ କରିବା ଲାଗି ମୋଦୀ ସରକାର ଦେଶର ରେଳ, ବିମାନବନ୍ଦର, ବନ୍ଦର, କୋଇଲା ଖଣି, ବି.ଏସ୍.ଏନ୍.ଏଲ. ଓ ଏମ୍‌ଟିଏଲଏନ, ଦୁଇଟି ଖେଳ ଷ୍ଟାଡ଼ିୟମ୍., ଭାରତୀୟ ତୈଳ ନିଗମ କୁ ବିକ୍ରି କରିବା ମସୁଧାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବୀ କରାଯାଇଛି। ଏତଦ୍‌ବ୍ୟତିତ ମୋଦୀ ସରକାର କୃଷକ-ଶ୍ରମକ ମାନଙ୍କ ଉପରେ ଦମନ ନୀତି ବନ୍ଦ କରିବା ଓ ଉତର ପ୍ରଦେଶର ଲକ୍ଷ୍ମୀପୁରର ଖେରୀ ଠାରେ କୃଷକମାନଙ୍କୁ ହତ୍ୟା କରିଥିବା ବି.ଜେ.ପି. ଗୁଣ୍ଡାମାନଙ୍କୁ ତୁରନ୍ତ ଗିରଫ କରିବାକୁ ଏହି ବିକ୍ଷୋଭରେ ଦାବୀ କରାଯାଇଅଛି। ମୋଦୀ ସରକାର ଦେଶର ସାଧାରଣ ମଣିଷଙ୍କ ଟିକସ ପଇସାରେ ନିର୍ମିତ ହୋଇଥିବା ରାଷ୍ଟ୍ରୀୟ ସଂପତିକୁ ପୁଞ୍ଜିପତିଙ୍କ ହାତରେ ବିକିଦେବା ଏକ ଲଜ୍ୟାଜନକ। ଏହି ରାଷ୍ଟ୍ରୀୟ ସଂପତି ଦେଶର ସଂପତି ଭାବେ ରଖିବାକୁ ସମସ୍ତ ଶ୍ରମିକ ଶ୍ରେଣୀ ଆଗେଇ ଆସିବା ଉଚିତ୍ ବୋଲି କେନ୍ଦ୍ରୀୟ ଶ୍ରମିକ ସଂଗଠନ ନେତାମାନେ ଦୃଢ଼ ଦାବୀ କରିଛନ୍ତି। ଏହି ପ୍ରତିବାଦ ବିକ୍ଷୋଭରେ ଆଇ.ଏନ୍.ଟି.ୟୁ.ସିର କିଶୋର ଜେନା, ଶ୍ୟାମ ସୁନ୍ଦର ମହାପାତ୍ର, ଏ.ଆଇ.ଟି.ୟୁ.ସିର ନେତା ରାମକୃଷ୍ଣ ପଣ୍ଡା, ସୁର ଜେନା, ବିଜୟ ଜେନା, ସି.ଆଇ.ଟି.ୟୁର ନେତା ରମେଶ ଜେନା ଓ ପୂର୍ଣ୍ଣ ପାଢ଼ୀ, ଏ.ଆଇ.ୟୁ.ଟି.ୟୁ.ସିର ନେତା ପୂର୍ଣ୍ଣଚନ୍ଦ୍ର ବେହେରା, ନିରଞ୍ଜନ ମହାନ୍ତି, ଏ.ଆଇ.ସି.ସି.ଟି.ୟୁର ନେତା ରାଧାକାନ୍ତ ସେଠୀ, ମହେନ୍ଦ୍ର ପରିଡ଼ା, ଟି.ୟୁ.ସି.ସିର ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଓ ସେଓ୍ୱାର ନେତ୍ରୀ ପରିଲତା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ପ୍ରଣତି ମିଶ୍ର, ସତ୍ୟବ୍ରତ ନାୟକ, ଧରଣୀଧର ସ୍ୱାଇ, ସିଲି ସେଠୀ, ଏ.ଆଇ.ସି.ସି.ଟି.ୟୁର ବଂଶୀଧର ପରିଡ଼ା, ମାନସ ରଞ୍ଜନ ପ୍ରଧାନ, ସି.ଆଇ.ଟି.ୟୁର ପ୍ରଭାତ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ।

# କିଙ୍ଗ୍ ଖାନ୍‌ଙ୍କ ପୁଅ ଆର୍ଯ୍ୟନ୍ ନିରାଶ





ମୁମ୍ବାଇ,୭।୧୦: ବଲିଉଡ୍ ଅଭିନେତା ଶାହାରୁଖ୍ ଖାନ୍ ?ଙ୍କ ପୁଅ ଆର୍ଯ୍ୟନ୍ ଖାନ୍ ନିରାଶ। ଡ୍ରଗସ୍ ମାମଲାରେ ଗିରଫ ହୋଇଥିବା ଅର୍ଯ୍ୟନ୍ ଖାନ୍‌ଙ୍କ ବେଲ ଆବେଦନ ଖାରଜ୍ ହୋଇଯିବା ସହ ତାଙ୍କୁ ବିଚ଼ାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଆର୍ଯ୍ୟନ୍ ଖାନ୍‌ଙ୍କ ସହ ଅନ୍ୟ ୭ ଜଣ ଅଭିଯୁକ୍ତଙ୍କୁ ମଧ ବିଚ଼ାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଆସନ୍ତା କାଲି ଆର୍ଯ୍ୟନଙ୍କ ଜାମିନ ଆବେଦନ ଶୁଣାଣି ରହିଛି। ଡ୍ରଗ୍‌ସ କାରବାରରେ ଫସିଥିବା ବଲିଉଡ୍ ଅଭିନେତା ଶାହାରୁଖ୍ ଖାନ୍‌ଙ୍କ ପୁଅ ଆର୍ଯ୍ୟନ୍ ଖାନ୍‌ଙ୍କୁ ଆଜି ମୁମ୍ବାଇ କୋର୍ଟରେ ହାଜର କରାଯାଇଥିଲା । ଆଜି ଆର୍ଯ୍ୟନ୍ ଖାନ୍‌ଙ୍କ ସମେତ ଅନ୍ୟ ଅଭିଯୁକ୍ତମାନଙ୍କର ରିମାଣ୍ଡ ଅବଧି ସରୁଥିବାରୁ ସେମାନଙ୍କୁ କୋର୍ଟରେ ହାଜର କରାଯାଇଥିଲା । ଆର୍ଯ୍ୟନ୍ ଖାନଙ୍କ ରିମାଣ୍ଡ ଅବଧି ଅକ୍ଟୋବର ୧୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି ପାଇଁ ଏନ୍‌ସିବି ଆବେଦନ କରିଥିଲା । ହେଲେ କୋର୍ଟ ରିମାଣ୍ଡ ଅବଧି ବାଇ ନଥିବା ବେଳେ ଅଭିଯୁକ୍ତଙ୍କୁ ୧୪ ଦିନିଆ ବିଚ଼ାରବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି।

## କରୋନାରୁ ସୁସ୍ଥ ହେଲେ ୫୨୨ ଆକ୍ରାନ୍ତ

ଭୁବନେଶ୍ୱର, ୭।୧୦(ପି.ଏନ): ରାଜ୍ୟରେ କରୋନା ସଂକ୍ରମଣରୁ ୫୨୨ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୧୭ ହଜାର ୧୧୬ରେ ପହଂଚିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି ।ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୧୮ ଜଣ ଓ କଟକ ଜିଲ୍ଲାରୁ ୫୪ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି।

## ଏନଟିପି କଣିହାଁରେ ଅକ୍ସିଜାନ ପ୍ଲାଣ୍ଟ ଉଦ୍‌ଘାଟିତ




ତାଳଚେର,୭।୧୦(ପି.ଏନ):ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କଦ୍ୱାରା ୩୫ ପିଏସଏ ଅକ୍ସିଜାନ ପ୍ଲାଣ୍ଟ ଏନଟିପି କଣିହାଁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ଚୁଆଲ ମାଧ୍ୟମରେ ଉଦଘାଟିତ ହୋଇଯାଇଅଛି। ଉକ୍ତ ଉତ୍ସବରେ ସ୍ଥାନୀୟ ମାନ୍ୟବର ବିଧାୟକ ବ୍ରଜ କିଶୋର ପ୍ରଧାନ, ସାଂସଦ ଶ୍ରୀଯୁକ୍ତ ମହେଶ ସାହୁ, କାର୍ଯ୍ୟକାରୀ ନିର୍ଦ୍ଦେଶକ କେ.ଶ୍ରୀନିବାସ ରାଓ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ବ୍ରହ୍ମଗିରିରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଂଟନର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୭।୧୦(ପି.ଏନ): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଅପରାହ୍ନରେ ବ୍ରହ୍ମଗିରି ଠାରେ ପୁରୀ ଜିଲ୍ଲା ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଂଟନର ଶୁଭାରମ୍ଭ କରିଛନ୍ତି। ଜିଲ୍ଲାର ୩ ଲକ୍ଷ ୬୪ ହଜାର ଲୋକ ଏହି ସୁବିଧା ପାଇବେ । ପୂର୍ବରୁ ମାଲକାନଗିର, ସୁନ୍ଦରଗଡ, ବଲାଙ୍ଗୀର, ଗଜପତି ରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ।ଏହାଦ୍ୱାରା ହିତାଧିକାରୀ ମାନେ ବିନା ଖର୍ଚ୍ଚରେ ଉନ୍ନତ ସ୍ୱାସ୍ଥ୍ୟ ସେବା ପାଉଛନ୍ତି ।ଏହି ଅବସରରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୁରୀ ଜିଲ୍ଲାର ଜନସାଧାରଣ ଆମର ବିକାଶ କାର୍ଯ୍ୟକ୍ରମକୁ ସବୁବେଳେ ଦୃଢ ସମର୍ଥନ ଦେଇ ସରକାରଙ୍କ ହାତମୁଠାରୁ ଟାଣ କରିଛନ୍ତି। ସେଥିପାଇ ପୁରୀବାସୀଙ୍କୁ ଧନ୍ୟବାଦ ଦେବା ସହିତ ଜିଲ୍ଲାବାସୀଙ୍କ ସ୍ନେହ ଓ ଆଦରକୁ ପାଥେୟ କରି ବିକାଶ କାର୍ଯ୍ୟକ୍ରମକୁ ଆହୁରି ଆଗକୁ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଏବେ ପୁରୀର ଜନସାଧାରଣ ଟ୍ୟାପ୍ ରୁ ସିଧାସଳଖ ଫିଲଟର ମାନର ପାଣି ପାଇପାରୁଛନ୍ତି। ଏଭଳି ସୁବିଧା ପାଇବାରେ ପୁରୀ ହେଉଛି ସାରା ଦେଶରେ ପ୍ରଥମ ଏବଂ ପୁରୀବାସୀ ଲଣ୍ଡନ, ନିଉୟର୍କ ଭଳି ସହରର ଲୋକଙ୍କ ଭଳି ସୁବିଧା ପାଉଛନ୍ତି ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ତାଙ୍କ ପାଇଁ ପ୍ରତିଟି ଜୀବନ ମୂଲ୍ୟବାନ। ଚାଷୀ ହେଉ ବା ମୂଲିଆ ବା ରିକ୍‌ସା ବାଲା - ସମସ୍ତେ ସମ୍ମାନର ସହ ବଂଚନ୍ତୁ । ଏହା ତାଙ୍କର ବିଭିନ୍ନ କଲ୍ୟାଣ କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ସେ କହିଥିଲେ ।ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏକହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ ଓ ଭୂମି ପୂଜା କରିଥିଲେ ।କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ, ସାଂସଦ ପିନାକୀ ମିଶ୍ର ତାଙ୍କ ଭାଷଣରେ ଭାରତ ସରକାରଙ୍କ ଆୟୁଷ୍ମାନ ଯୋଜନା ଠାରୁ ରାଜ୍ୟ ସରକାର ଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ର ସ୍ମାର୍ଟ ହେଲ୍‌ଥ୍ କାର୍ଡ ରୁ କିପରି ଅଧିକ ସୁବିଧା ମିଳୁଛି ତା ଉପରେ ଆଲୋକପାତ କରିଥିଲେ ।ଯୋଜନା ବୋର୍ଡର ଉପାଧ୍ୟକ୍ଷ ସଂଜୟ ଦାସବର୍ମା, ସ୍ୱାଗତ ଭାଷଣ ଦେଇଥିଲେ। ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ବ୍ରହ୍ମଗିରି ସମସ୍ୟା ଉପରେ ଆଲୋକପାତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମନ୍ତ୍ରୀ ତୁଷାର କାନ୍ତି ବେହେରା ,ଜଗତସିଂହପୁର ସାଂସଦ ଡ଼ାକ୍ତର ରାଜଶ୍ରୀ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada










# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ମହାମହୋପାଧ୍ୟୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ (୧୮୩୫-୧୯୦୪)

❖ ନାସା ପ୍ରଥମ ସକ୍ରିୟ ସାଟେଲାଇଟ୍ ରିଲେ-୧କୁ ମହାଆକଶକୁ ପଠାଇଥିଲା (୧୯୬୨)

❖ ଭାରତୀୟ ସଂସଦ ଭବନରେ ଆତଙ୍କବାଦୀଙ୍କ ଆକ୍ରମଣ, ଆତଙ୍କବାଦୀ ସମେତ ୧୨ ମୃତ (୨୦୦୧)

❖ ଭାରତୀୟ ଅର୍ଥଶାସ୍ତ୍ର ବିଶାରଦ ସଂଜୟ ଲାଲଙ୍କ ଜନ୍ମ (୧୯୪୦-୨୦୦୫)

❖ ଭାରତୀୟ ଅଭିନେତ୍ରୀ ତଥା ଗୀତିକାର ସ୍ୱସ୍ତିକା ମୁଖାର୍ଜୀଙ୍କ ଜନ୍ମ (୧୯୮୦)

❖ ଭାରତୀୟ ବିଜ୍ଞାନ ଓ ପ୍ରଦ୍ୟୋଗିକ ମନ୍ତ୍ରୀ ହର୍ଷ ବର୍ଦ୍ଧନଙ୍କ ଜନ୍ମ (୧୯୫୪)

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ । ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ୍ୟ କୁହାଯାଏ । ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ । ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ । ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ । ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ । ନାରୀମାନେ ଏହି ବ୍ରତ ମାଧମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା । ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି । ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ । ଚିତା ଓ ମୁରୁଜ ତା' ଉପରେ ପକାଯାଏ । ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ । ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା । ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ । ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ । ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ୍ୟ ବଢ଼ାଯାଏ । ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ । ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ ।

## ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ । ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ । ପରେ ଖଣ୍ଡପଡା ନିକଟସ୍ଥ ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ । ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର । ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ । ବିଚିତ୍ରବର୍ଣ୍ଣ । ବ୍ରହ୍ମଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ । ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛିରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ । ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ । ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧମରେ ଶିକ୍ଷା ଲାଭ କରିଥିଲେ । ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ । ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ । ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ । ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା । ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ) । ଏହି ଗ୍ରନ୍ଥର ମୋଊଟ ଶ୍ଲୋକ ସଂଖ୍ୟା ୨୫୦୦ । ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ ।

# ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ



ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଋଦର ବ୍ୟବହାର କରନ୍ତି । ଗଛ ମଧରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଋଲିଗଲା ।

# ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି । କାଗଜରେ ନିର୍ଦ୍ଦେଶ ବି ଆସୁଛି । ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ । ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି । ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା । କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା । ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା । ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା । ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ । ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ । ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ । ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ । ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ । ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ । ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ । ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ । ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ



ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ । କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି । ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି । ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରୀଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି । ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି । ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି । ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି । କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି । ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି । ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ । ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ । ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି । ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି । ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି ।

ପର୍ଯ୍ୟବେକ୍ଷକ
PARYABEKHYAK



ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ଅକ୍ଟୋବର ୦୮

# ଭୟଭୀତ ପଡ଼ାରେ ଆମେ...

ପୁରାଣ ପୃଷ୍ଠାରେ ମିଳୁଛି, ମଣ୍ଡାଖିଆ ପଣ୍ଡାଟିକୁ ମହାବଳୀ ଭୀମ ନାଶ କରି ପଡ଼ାଟିକୁ ଶାନ୍ତିରେ ରଖିଥିଲେ। ଭଗବାନ ବଳରାମ କନ୍ଦରାସୁରକୁ ନାଶ କରି ତତ୍କାଳ ସ୍ଥାନର ପଡାଟି ସ୍ଥାୟୀ ଶାନ୍ତି ଦେଇ ସ୍ଥାନ ନାମ କେନ୍ଦ୍ରାପଡ଼ା କରିବା ବାଟ ଖୋଲିଥିଲେ। ଭଗବାନ କୃଷ୍ଣ ଅନେକ ପଡ଼ା ରାଜା (ଦଳପତି)ଙ୍କୁ ଜରାସନ୍ଧ ବନ୍ଦୀଶାଳାରୁ ମୁକ୍ତ ପାଇଁ ତାକୁ ଭୀମଙ୍କ ଦ୍ୱାରା ଶେଷ କରାଇଥିଲେ। କଂସର ଅଷ୍ଟଦିଗ ରକ୍ଷକ ଅଷ୍ଟମଲ୍ଲ ବିଭିନ୍ନ ଦିଗରେ ଥିବା ପଡ଼ା ଗାଁରେ ଆତଙ୍କ ସୃଷ୍ଟି ରାଜକାନୁନ ଦ୍ୱାହିରେ ମନୋଜ୍ଞ ରାଜ କରି ଯେଉଁ ଆତଙ୍କ କରୁଥିଲେ ତାକୁ କୃଷ୍ଣ ବଳରାମ ଶେଷ କରିଥିଲେ। ମହାଭାରତରେ ପାଞ୍ଚପଡ଼ା ପଞ୍ଚ ପାଣ୍ଡବଙ୍କ ପାଇଁ କୃଷ୍ଣ ସମାଧାନ ପାଇଁ ମାଗଣ କରିଥିଲେ। ତାହା କୌରବ ଜ୍ୟେଷ୍ଠ ରାଜପୁତ୍ର ପ୍ରତ୍ୟାଖ୍ୟାନ କରିଥିଲେ। ସେହି ରାଜପୁତ୍ର ଦୁର୍ଯ୍ୟୋଧନ ଓ ତାଙ୍କ ସାନଭାଇ ଦୁଃଶାସନ ଦୁଇଜଣ ମଲ୍ଲ ସେମାନଙ୍କର ଦୈହିକ ବଳ ସହିତ ରାଜଶକ୍ତିର ବଳ ମିଶି ଏକ ଦୁର୍ଦ୍ଦାନ୍ତବଳ ହୋଇଯାଇଥିଲା। ଶେଷରେ ପାଣ୍ଡବ ପଟର ଦ୍ୱିତୀୟ ପାଣ୍ଡବ ଭୀମସେନ, ସେ ଦୁଇଜଣଙ୍କୁ ଶେଷ କରି ଶାନ୍ତି କରାଇଥିଲେ। ତତ୍କାଳ ସେହି ପାଞ୍ଚପଡ଼ା ମଧ୍ୟରେ ବର୍ତ୍ତମାନର ଦିଲ୍ଲୀ ନଗରୀ ଉପକଣ୍ଠ ଅଞ୍ଚଳ। ସୋନିପତ, ପାନିପଥ ପରି ତତ୍କାଳ ପଡ଼ା ଜମିଦାରୀ।



ପାନିପଥରେ ଐତିହାସିକ ଯୁଦ୍ଧ ଆକ୍ରମଣକାରୀ ବାବରଙ୍କଠାରୁ ଆରମ୍ଭ, ପୁଣି ଆକବରଙ୍କ ବେଳେ ଆଉଥରେ ହୋଇଥିଲେ। ଯେ ସୃଷ୍ଟି ରହସ୍ୟ ବୁଝିନାହିଁ ଓ ନିଜକୁ ସର୍ବେସବା ହେବାକୁ ନିଜର ବାହୁବଳ ସୈନ୍ୟବଳକୁ ପ୍ରାଧାନ୍ୟ ଦେଇ କେବଳ ଦମନ, ମାରଣ ନୀତିକୁ ସାର କରିବ, ସେହି ସ୍ଥାନରେ ଥିବା ବାସିନ୍ଦାମାନେ ଅବଶ୍ୟ ଭୟଭୀତ ପଡ଼ା ବାସିନ୍ଦା ହୋଇ ରହିଥିବେ।

ପଡ଼ାର ତତ୍ତୁଲ୍ୟ ଶବ୍ଦ ଅଛି। ଗୁଡ଼ା, ପୁଟ, ପଟ, ପଲ୍ଲୀ ପରି ଅନେକ ଶବ୍ଦ ଅଛି। ପଡ଼ାଗୁଡ଼ିକର ନିର୍ମାଣ ଭଗବାନଙ୍କ ଆଶୀର୍ବାଦରୁ। ଭଗବାନଙ୍କ ଦ୍ୱାରା ହେବା ବିଶ୍ୱାସ କରାଯାଉଥିଲା। ପତାବନ୍ଧା ହୋଇ ଏକ ଘରରୁ ଅନେକ ଘର ହୋଇ ହୋଇ ଚାଲେ। ଯେତେ ଭାଇ ସେତେ ଘର, ହେବା ନିୟମ କାଳକ୍ରମେ ସେମାନଙ୍କର ପୁତ୍ର ସନ୍ତାନ ବୃଦ୍ଧିରେ ବୃତ୍ତର କେନ୍ଦ୍ର ସ୍ଥିର ରହି ପରିଧିବୃଦ୍ଧି ଦିଗ ବଢ଼ି ବଢ଼ି ଚାଲେ। ସେତେବେଳେ ରାଜ ବିଧି ନିଷେଧ ଏତେ ନଥିବାରୁ ସ୍ଥିତିବାନ ଅଭଲ ଦୋଫସଲି, ଧୋୟା ପରି ଜମିର ଶବ୍ଦ ଉଠି ନଥିଲା। ଗଛ ମାଛ ଉପରେ ରାଜ ନଜର ନଥିଲା। କାଳକ୍ରମେ ଆସିଲା ଆକ୍ରମଣ ଭୟ। ପ୍ରଥମେ ପଶୁ ଆକ୍ରମଣ ରହିଥିଲା, ଏଥିପାଇଁ ପଡ଼ାର ସୀମାରେ ସାହସୀ ବଳବାନ ବାସ କରୁଥିଲେ। ହେଲେ ହାତୀବାଘଠାରୁ ବଳବାନ ଏଇ ମନୁଷ୍ୟ ଏକ ପଡ଼ାରୁ ଅନ୍ୟ ପଡ଼ାକୁ ଆକ୍ରମଣ କରିଲେ, ଆସିଲେ ପଶୁଚରିତ୍ରର ଭୟ। ଜଙ୍ଗଲି କାନୁନ ଜନପଦ ପଡ଼ାରେ ପ୍ରବେଶ ହେଲା। ନିରାପତ୍ତା ପାଇଁ ଏକ ରାଜଶକ୍ତି ଖୋଜା ହେଲା, ଛୋଟ ଛୋଟ ରାଜଶକ୍ତି ବିରାଟ ଶକ୍ତିକୁ ଆସିଲା। ବିରାଟ ଶକ୍ତି କାନୁନ କଲେ କାନୁନ ତଦାରଖ ପାଇଁ ତତ୍ତ୍ୱାବଧାରଙ୍କୁ ନିୟୋଗ କରାଗଲା। ଏମିତି ହୋଇ ହୋଇ ରାଜତନ୍ତ୍ର, ସମ୍ରାଟତନ୍ତ୍ର ରୂପ ନେଇ ତାର ମାର୍ଜନା ଗଣତନ୍ତ୍ର, ସେଥିରେ କେନ୍ଦ୍ର ସରକାର ରାଜ ସରକାର ହୋଇଛି। ଲୋକେ ଭୟ ମୁକ୍ତିର ଆଶା ବାନ୍ଧି ବାନ୍ଧି ଶେଷରେ ସେହି ଭୟଯୁକ୍ତ ପରିସ୍ଥିତି ଜଟିଳ ସ୍ତରକୁ ଆସିଲାଣି। ଭୟମୁକ୍ତ ଶାସନ ପାଇଁ ପ୍ରଥମେ ଶିକ୍ଷା ବିଭାଗରୁ ଚିପି ଚିପି ଭବିଷ୍ୟତ ନାଗରିକଙ୍କୁ ପ୍ରସ୍ତୁତ କରାଯାଉଥିଲା। ଏକତା ପାଇଁ ଏକପ୍ରକାର ବିଦ୍ୟା ଶିକ୍ଷା ଏକ ପ୍ରକାର ପୋଷାକ ଏକ ପ୍ରକାର ଧର୍ମ, ଏକ ପ୍ରକାର ସଂସ୍କୃତିରେ ରହିବାକୁ ଶିକ୍ଷାଙ୍କୁର କରାଯାଉଥିଲା। ପ୍ରତ୍ୟେକଙ୍କର ସମୟ ପିଲାକାଳରୁ ଏକ ନିର୍ଦ୍ଦିଷ୍ଟ ଛାଞ୍ଚରେ ପକାଇ ପ୍ରସ୍ତୁତ କରିବା ପ୍ରାଥମିକ ଶିକ୍ଷାରୁ ଶେଷ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ କରାଗଲେ ବେଳେ ଲୋକର ସଂସ୍କାର ପ୍ରବୃତ୍ତିରେ ପ୍ରାଥମିକ ମାଧ୍ୟମିକ ଶିକ୍ଷାଦାନ ମଧ୍ୟରେ ହିଁ ନିୟନ୍ତ୍ରିତ ରଖାଯାଏ। ତତ୍କାଳ କିଛି ଲଘୁଦଣ୍ଡ ଦୁଷ୍ଟାମୀ ପିଲାକୁ ବାଟକୁ ଆଣିବାକୁ କରାଯାଇଥିଲା। ଏଥିରେ ଶିକ୍ଷକଙ୍କର ପିଲାର ମୂରବୀକୁ ଚେତାଇବା ପାଇଁ ବି କିଛି ଅର୍ଥଦଣ୍ଡ ଓ ଭୟ ରଖାଯାଇଥିଲା। ଅନ୍ୟ ଦେଶର ଶିକ୍ଷା ପଦ୍ଧତି ଆମ ଦେଶରେ ଲାଗୁ କରାଯାଇ ପିଲାକୁ ଠିକ୍ ଶାସନରେ ଗୁରୁଜନ ଓ ଗୁରୁମାନେ ରଖିପାରିଲେ ନାହିଁ। 'ଲାଳୟେତ୍ ପଞ୍ଚ ବର୍ଷାଣି'ଟି ପର ଦଶବର୍ଷ ତାଡୟେତରେ ଅର୍ଥାତ୍ ପାଞ୍ଚ ବର୍ଷରୁ ଷୋହଳ ବର୍ଷ ମଧ୍ୟରେ ବାରଣକୁ ବିଚାରକୁ ବା ପାଳନକୁ ନିଆଗଲାନାହିଁ। ଫଳରେ ଭାରତରେ ଏହି ସ୍ୱାଧୀନତା ହାସଲ ପରେ ଆସ୍ତେ ଆସ୍ତେ ଛାତ୍ର ପନ୍ଦର ବର୍ଷ ଏକକରେ ପାଞ୍ଚ ଏକକ ଏମଧ୍ୟରେ ଶେଷ। ଏମଧ୍ୟରେ ସରକାର ମଦ ଦୋକାନ ଖୋଲିବାରେ ଲାଗିଲେଣି। ପୋଲିସ ସଂଖ୍ୟା ବଢ଼ାଇବାରେ ଲାଗିଛନ୍ତି। ଗ୍ରାମ୍ୟ ବିଚାରକୁ ଅଣଦେଖା କରି ସୁପ୍ରିମକୋର୍ଟ ଯାଏ କୋର୍ଟ ଖୋଲି ପରେ ପରେ ଏକ ଏକ ରାଜ୍ୟରେ ଏକାଧିକ ହାଇକୋର୍ଟ ଖୋଲିବା ସ୍ତରରେ ଆସିଲେଣି। ନିମ୍ନ ପ୍ରାଥମିକ ସ୍କୁଲ ଏବେ ୟୁରୋପିଆନ ସ୍କୁଲ। ମଦ୍ରାସା ବଢ଼ିବାରେ ଲାଗିଲାଣି। ମାଇନର ସ୍କୁଲ, ହାଇସ୍କୁଲରେ ପୂର୍ବପରି ଛାତ୍ରଛାତ୍ରୀ ନ ହୋଇ ଅନ୍ୟ ପ୍ରକାର ଶିକ୍ଷା କ୍ଷେତ୍ରକୁ ଧାବିତ। କଲେଜମାନ ୟୁନିଭରସିଟି ହେଲାଣି। ଠେଙ୍ଗାବାଡ଼ି, ଟେଳା ଫୋପଡ଼ାରୁ ଏବେ ପିସ୍ତଲ ବନ୍ଧୁକ, ଖଣ୍ଡାଛୁରୀ, ବୋମା, ମିଜାଇଲରେ ଉଚ୍ଚଶିକ୍ଷିତରୁ ଲୋକ ବ୍ୟବହାର ବଢ଼ିଲାଣି। ଏବେ ପ୍ରଫେସର ପଣ୍ଡିତଙ୍କ ମୂଲ୍ୟ ନାହିଁ। ଦାଦାଗିରି ବ୍ୟକ୍ତିଙ୍କ ମୂଲ୍ୟ ଅମୂଲ୍ୟ ମୂଲ୍ୟ। ଅଧିକାର ନଥାଇ ଅଧିକାର ଜାହିର ଚାଲିବା ପଦ୍ଧତି ଡାଳ ମେଲିଲାଣି। ପୂର୍ବେ ମଧ୍ୟ ସତ୍ତ୍ୱାଧିକାରୀ ଥିଲେ ଏବେ ଏହା ବର୍ଦ୍ଧିତ ସ୍ତରରେ ମାତ୍ର ବୁଡ଼ି ବୁଡ଼ି ରହିଛି।

ସରକାର ଆଦେଶରେ ସରକାରୀ ଦାନ ନୀତି ଏତେ ମାରଣା ଯେ, ହିତାଧିକାରୀର ପାଟି ଫିଟେଇବା ଯୁ ନାହିଁ। ଭୋଟ ଅଧିକାର ଅଛି ମାତ୍ର ଭୟ, ଆଖି ତରଟାରେ, ଲୋଭ, ଭୋଟ ଦେବାରେ ଭୋଟର ବାଧ୍ୟ। ଗୁଡ଼ା ପଡ଼ାରେ ରହିବା ଇଚ୍ଛା ଥିଲେ ଆମ କଥା ଶୁଣ ନ ହେଲେ ଭୋଗିବ। ଏମିତି ଗୁଞ୍ଜରଣ ଆସିଲେ ବି କିଛି ପ୍ରତ୍ୟକ୍ଷ ଦମନ ନୀତି ସରକାରଙ୍କର ନାହିଁ। ରାଜନୀତିର ପଶାପାଲିରେ ପାଣ୍ଡବ ସର୍ବହରା ପରି ଠିକ ପ୍ରଜା ସର୍ବହରା। ଏପରି ପ୍ରଜା ମେଳରେ ଲଡୁଖିଆ ଲୁଚିଛନ୍ତି। ଏହାଙ୍କୁ କିଏ ଆକଟ କରିବ, ଏମାନେ କଂସାସୁରର ଅଷ୍ଟମଲ୍ଲ, ନହେଲେ ଦୁର୍ଯ୍ୟୋଧନଙ୍କର ଆଜ୍ଞାକାରୀ ଦୁଃଶାସନ ଭାଇ। ନ ହେଲେ ବିରାଟ ରାଜାଙ୍କ ପତ୍ନୀଙ୍କର ଭାଇ କୀଚକ। ବହିଃଶତ୍ରୁଠାରୁ ଅନ୍ତଃଶତ୍ରୁ ଏବେ ହୁ ହୁ ବଢୁଛନ୍ତି। ଏମିତି ସ୍ତର ଅନେକ କଷ୍ଟର ସ୍ୱାଧୀନତା ହାସଲ ଅଳ୍ପଦୀନ ପରେ ବିପରୀତ ସ୍ତରକୁ ଆସିବ। ଶତକଡ଼ା ୫୦ରୁ ଭୋଟ ହାର କମି ରାଜ ଚାଲିବା ଦିଗକୁ ଆସିଲାଣି ଆହୁରି ଯେ ନକମିବ କିଏ ବାଡ଼ବତା ଦେବ? କରୋନା ବେଳେ ସରପଞ୍ଚ ମାନଙ୍କୁ କଲେକ୍ଟର କ୍ଷମତା ମିଳିଥିଲା। ବିନା ତାଲିମରେ କାହାକୁ କଲେକ୍ଟର ପଦ ମିଳିନାହିଁ। ଆଇଏଏସ୍, ଓଏଏସ୍, ଆଇପିଏସ୍ ତାଲିମ ବଡ଼ କଠିନ କାର୍ଯ୍ୟ। ଏମିତିରେ କେମିତି ନୀତିରେ ଶାସନ କରାଯାଏ ତାହା ସମୟକୁ ଅଳ୍ପ ଲୋକରେ ବହୁଲୋକଙ୍କୁ ଶାସନ ଶିକ୍ଷା ରହିଛି। ଭୋଗ ଇନ୍ଦ୍ରିୟଙ୍କୁ ସଜାଗ ରଖିଲେ କେହି ସୁଶାସକ ବା ସୁସନ୍ନ୍ୟାସୀ ହୋଇନପାରନ୍ତି। ମାଳିକା କ'ଣ ଲେଖିଛି ତାକୁ ପଛକୁ ରଖନ୍ତୁ। ଏବେ ଦେଖନ୍ତୁ ଯାହା ହେବାକୁ ଯାଉଛି, ଏହା ଶେଷ ପରିଣତିରେ ନିଶ୍ଚେ ସମସ୍ତେ କ୍ଷୟ ଦିଗକୁ ଧାବିତ! ରାସ୍ତା, ଘର, କଳାକାରଖାନା ବିସ୍ତୃତିରେ ସମସ୍ତେ। ତେବେ ବର୍ଦ୍ଧିତ ଜନସଂଖ୍ୟା କ'ଣ ଖାଇ ବଞ୍ଚିବେ ଟିକେ ଭାବନା ରହିଛିକି? ରାସ୍ତା ପ୍ରଶସ୍ତି ପାଇଁ ପ୍ରାକ୍ ରାସ୍ତା କଡ଼ ନିର୍ମାଣମାନ ହଟାଯାଉଛି, ସବୁ ଶାସନଙ୍କର ଲୁହାମଇ ବୁଲାଯାଇ ଏ ସରକାର ତା କରନ୍ତୁ, ମାତ୍ର ଛତିଶ ପାଟରେ ବୃତ୍ତି ଲୁଟ କରି ଲୋକଙ୍କୁ ବୃତ୍ତି ନଦେଇ ଅଘରା କଲେ କେତେ ଥୋପ ଦେଇ କେତେ ଦିନ ରାଜ କରିହେବ ଭାବନ୍ତୁତ। ଅନେକ ପ୍ରାଚୀନ ଶବ୍ଦମାଳାର ନୂଆ ମୂଲ୍ୟାୟନ, ବର୍ତ୍ତମାନ ଆବଶ୍ୟକ ପଡୁଛି ଯେମିତି କୃଷକ, ଜମିଦାର, କୃଷି ମୂଲିଆ, ଡ୍ରାଇଭର, ଗାଡ଼ିବାଲା, ଗାଡ଼ି ମାଲିକ ଶବ୍ଦର ମୂଲ୍ୟାୟାନ ଦରକାର। ଯଦି ବହୁଲୋକଙ୍କ ପାଇଁ କାନୁନ, ତେବେ ଲାଭ ପାଉଛି କିଏ ଏହା ଦେଖିବା ଜରୁରୀ। ପଡ଼ା, ଗୁଡ଼ା ବଞ୍ଚାଇବା ଚେଷ୍ଟା ଜରୁରୀ, ଦାଦାପାର୍ଟିର ଭୟ କେମିତି ସଂସ୍କାର ହେବ ତାର ତୃଣମୂଳ ଖୋଜାଯାଉ। 'ଜିଓ ଔର ଜିନେ ଦୋ'କୁ କେହି ଭୁଲନ୍ତୁ ନାହିଁ।

**ଉତ୍କଳାନନ୍ଦ ଅଜୟ କୁମାର ବେହେରା,** ସମ୍ପାଦକ,
'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ: ୯୪୩୭୦୩୧୨୫୩

# ପ୍ରଶାସନ ଓ ରାଜନୈତିକ ଚକ୍ରବ୍ୟୂହରେ କୃଷକ ଯୋଜନା

▪▪▪▪▪▪▪▪▪▪▪▪▪▪▪▪▪ ହଳଧର ଧୀର ▪▪▪▪▪▪▪▪▪▪▪▪▪▪▪▪▪

ଓଡ଼ିଶାକୁ ଶିଳ୍ପସମୃଦ୍ଧ ରାଜ୍ୟରେ ପରିଣତ କରିବାକୁ ରାଜ୍ୟ ସରକାର ଯେଉଁଭଳିଭାବେ ବ୍ୟଗ୍ର ଓ ତତ୍ପର ଠିକ୍ ସେହିପରିଭାବେ ଲୋକଙ୍କର ଜୀବନ ଓ ଜୀବିକା ପ୍ରତି ବିଶେଷ ଧ୍ୟାନ ଦେବା କ୍ଷେତ୍ରରେ କେଉଁଠି ନା କେଉଁଠି ତ୍ରୁଟି ରହିଯାଉଛି । ସେଇଥିପାଇଁ ଲୋକଙ୍କ ମନରେ ସ୍ୱତଃ ପ୍ରଶ୍ନ ଉଠୁଛି ଯେ ସେମାନଙ୍କର କବର ଉପରେ କ'ଣ ସରକାର ଶିଳ୍ପପ୍ରତିଷ୍ଠା କରିବାକୁ ସଂକଳ୍ପବଦ୍ଧ କି? ଲୋକମାନଙ୍କର ସ୍ୱାର୍ଥ ପାଇଁ ଶିଳ୍ପ ନାଁ ଶିଳ୍ପପତିମାନଙ୍କର ସ୍ୱାର୍ଥପାଇଁ ଶିଳ୍ପ! ଲୋକମାନଙ୍କର ଉନ୍ନତ ଜୀବନଧାରଣ ପାଇଁ ସରକାର ଯେତେପ୍ରକାର ଘୋଷଣା କରିଛନ୍ତି ତା'ର ସୁଫଳ ସେମାନଙ୍କ ନିକଟରେ ପହଞ୍ଚି ପାରୁଛି କି ନାହିଁ ତାହାର ପ୍ରକୃତ ଅନୁଧ୍ୟାନ ହେବା କଥା । ଅପରପକ୍ଷରେ ସରକାରଙ୍କୁ ଅନ୍ଧାରରେ ରଖି ଉନ୍ନୟନମୂଳକ କାର୍ଯ୍ୟର କାର୍ଯ୍ୟକାରିତା ନେଇ ଛାୟା ରିପୋର୍ଟ ଅଥବା ବିଭ୍ରାନ୍ତମୂଳକ ତଥ୍ୟ ଯଦି ପ୍ରଦାନ କରାଯାଉ ନଥା'ନ୍ତା, ତେବେ ଯୋଜନାଗୁଡ଼ିକ ଦିଗହରା ହେବାର କାରଣ କ'ଣ ହୋଇପାରେ? ଏହା ନିଶ୍ଚୟ ଚିନ୍ତାର ବିଷୟ । କିନ୍ତୁ ଦୁର୍ଭାଗ୍ୟର କଥା ଶୀତତାପ ନିୟନ୍ତ୍ରିତ କୋଠରୀରେ ବସି ବିଚାର ବିମର୍ଶ କରାଯାଇ ପ୍ରସ୍ତୁତ ହେଉଥିବା ଯୋଜନା ଓ ପରାମର୍ଶ ସତରେ କ'ଣ ଲୋକମାନଙ୍କ ବାସ୍ତବ ଜୀବନରେଖାକୁ ଛୁଇଁପାରୁଛି, ନା ସେମାନଙ୍କର ଭାଗ୍ୟରେଖାକୁ ବଦଳାଇପାରୁଛି!

ସରକାର ନିଶ୍ଚିତ ଭାବରେ ବହୁ ଭଲ ଯୋଜନା କରୁଛନ୍ତି । ଜନସାଧାରଣଙ୍କର ମନ ଓ ହୃଦୟକୁ ଯୋଜନାଗୁଡ଼ିକ ମଧ୍ୟ ଛୁଇଁପାରୁଛି । କିନ୍ତୁ ଏହାର ସଫଳ ରୂପାୟନ ଦିଗରେ ଯଦି ଆନ୍ତରିକତାର ଅଭାବ ରହେ, ତେବେ ସରକାରୀ ଯୋଜନାଗୁଡ଼ିକ କିପରି ଲୋକଙ୍କ ପାଖରେ ପହଞ୍ଚିପାରିବ? ଯୋଜନାଗୁଡ଼ିକର ସୁଫଳ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ସରକାରଙ୍କର ଓ ପ୍ରଶାସନର ଗୁରୁଦାୟିତ୍ୱ ରହିଛି । ଲୋକପ୍ରତିନିଧିମାନେ ସେମାନଙ୍କ ଅଞ୍ଚଳରେ ସରକାରଙ୍କର ଯୋଜନାଗୁଡ଼ିକୁ ଦଳମତ ନିର୍ବିଶେଷରେ ଯଦି ନିଷ୍ଠାର ସହ କାର୍ଯ୍ୟକାରୀ କରିପାରନ୍ତେ, ତେବେ ନିଶ୍ଚୟ ଯୋଜନାଗୁଡ଼ିକର ସଫଳତାର ଶ୍ରେୟ ଖାଲି ସରକାର ବା ଶାସକଦଳକୁ ନୁହେଁ, ବରଂ ସମସ୍ତ ଲୋକପ୍ରତିନିଧିମାନଙ୍କୁ ଯାଇପାରନ୍ତା । ଦଳୀୟ ଦୃଷ୍ଟିକୋଣରୁ ଊର୍ଦ୍ଧ୍ୱରେ ରହି ଜନପ୍ରତିନିଧିମାନେ ଯଦି ନିଜ ନିଜ ଅଞ୍ଚଳରେ ଗଣତାନ୍ତ୍ରିକ ପଦ୍ଧତିରେ କାର୍ଯ୍ୟକରନ୍ତେ, ତେବେ ଯୋଜନାଗୁଡ଼ିକ ଶତକଡ଼ା ଶହେଭାଗ କାର୍ଯ୍ୟକାରୀ ହୋଇ ନ ପାରିଲେ ବି କେତେକାଂଶରେ ତ' ନିଶ୍ଚୟ ସଫଳ ହୋଇପାରନ୍ତା ଏବଂ ଜନପ୍ରତିନିଧିମାନଙ୍କର ସ୍ଥିତିକୁ ମଧ୍ୟ ସୁଦୃଢ଼ କରିପାରନ୍ତା । କିନ୍ତୁ ଦୁର୍ଭାଗ୍ୟର କଥା ଲୋକପ୍ରତିନିଧିମାନେ ଗ୍ରାମଠାରୁ ସହରପର୍ଯ୍ୟନ୍ତ ଲୋକମାନଙ୍କର ସୁଖଦୁଃଖରେ ନିଜକୁ କେତେଦୂର ସାମିଲ କରି ପାରୁଛନ୍ତି, ତାହା ନିଜକୁ ନିଜେ ପ୍ରଶ୍ନକରି ନିଶ୍ଚିତ ଭାବରେ ବୁଝିପାରୁଥିବେ । ସବୁଠାରୁ ଦୁଃଖର ବିଷୟ ଆପେ ବଞ୍ଚିବା ନ୍ୟାୟରେ ଓ ମାନସିକତାରେ ଏ ସମାଜ ଆଜି ପଙ୍ଗୁ ହୋଇଯିବାକୁ ବସିଲାଣି ।



ପ୍ରତି କ୍ଷେତ୍ରରେ ଦ୍ୱନ୍ଦ୍ୱ ଓ ହିଂସାର ଉତ୍ପୀଡ଼ନରେ ଆଜି ମଣିଷ ଭାରାକ୍ରାନ୍ତ ହୋଇପଡ଼ିଲାଣି । ମଣିଷ ମୁହଁରେ ଚେନାଏ ତୃପ୍ତିର ହସ ଖୋଜି ପାଇବା ସାତସପନ । ମଣିଷ ଯେମିତି ଏକ ଯନ୍ତ୍ରମାନବ ପାଲଟିଗଲାଣି । ଆସନ୍ତୁ ପୁଣି ଫେରିବା ସେହି ମୂଳପ୍ରସଙ୍ଗକୁ । ଯୋଜନାର କାର୍ଯ୍ୟକାରିତାକୁ ।

ସରକାରଙ୍କର ବହୁ ଯୋଜନା ଭିତରେ ଥିବା କୃଷି ଯୋଜନା ଅନ୍ୟତମ । କୃଷକମାନଙ୍କ ପାଇଁ ଅନେକ ପ୍ରକାର ଯୋଜନା ହେଉଛି । ଅନେକ ଯୋଜନା ଭିତରୁ କେତେକ କାର୍ଯ୍ୟକାରୀ ହେଉଛି ତ' କେତେକ ଅଧାପାନ୍ତରିଆ ହୋଇ ପଡିରହୁଛି । ଉଦାହରଣସ୍ୱରୂପ ରେଙ୍ଗାଲୀ ଜଳସେଚନ ଯୋଜନା ଅନ୍ୟତମ । ଏହି ଯୋଜନାରେ କୋଠାବାଡି ନିର୍ମାଣ, ଯନ୍ତ୍ରପାତିକିଣା, ସର୍ଭେ, ଅଫିସର ଓ କର୍ମଚାରୀଙ୍କ ଦରମା, ବିସ୍ଥାପିତମାନଙ୍କ ଥଇଥାନ, ଜମି ଅଧିଗ୍ରହଣ ଓ କ୍ଷତିପୂରଣ, ବନ୍ଧ ନିର୍ମାଣ, ଦକ୍ଷିଣ ଓ ବାମପଟ କେନାଲ ଖୋଳା ଓ ଯୋଜନାର ରୂପରେଖ ପ୍ରସ୍ତୁତିରେ ଖାଲି ଶହଶହ କୋଟି ଟଙ୍କା ବ୍ୟୟ ହୋଇସାରିଲାଣି । ତଥାପି ୪୦ ବର୍ଷରୁ ଊର୍ଦ୍ଧ୍ୱ ସମୟଧରି କଚ୍ଛପ ଗତିରେ ଚାଲିଥିବା ଏହି ଯୋଜନାର ଅଗ୍ରଗତି ହୋଇପାରୁନାହିଁ, କି ଚାଷୀମାନଙ୍କର କୃଷିକ୍ଷେତ୍ରକୁ ଜଳସେଚିତ କରାଯାଇ ପାରୁନାହିଁ । ଭୁଲ୍ ସର୍ଭେ ପ୍ରକ୍ରିୟାଯୋଗୁ ଆଜି କେନାଲ ଖୋଳାର ରୂପରେଖ ବଦଳିଯିବା ସ୍ୱାଭାବିକ । କାରଣ ଦୀର୍ଘ ବିଳମ୍ବିତ ଯୋଜନା ଯୋଗୁ ଓ ଭୁଲ୍ ସର୍ଭେ ଯୋଗୁ କେନାଲ ଯିବା ମାର୍ଗରେ ଆଜି ଶିଳ୍ପାନୁଷ୍ଠାନ, ଖଣିଖାଦାନ, ସହରବଜାର ଓ ଜନବସତି ତଥା ସୁଉଚ୍ଚ ଅଟ୍ଟାଳିକାମାନ ଗଢ଼ିଉଠିଛି । ତେବେ ଏଠାରେ ସ୍ୱତଃ ପ୍ରଶ୍ନ ଉଠେ କଣେମାଣେ ଜମିରେ ଯଦି ଚାଷ ନହୋଇ ପାରିଲା, ତେବେ ସେଠାରେ କୋଠାବାଡି ନିର୍ମାଣ ହେବା ଏକ ସ୍ୱାଭାବିକ ପ୍ରକ୍ରିୟା । ଯଦି ଚାଷଜମି ନାହିଁ, ତେବେ କେଉଁ ଜମିରେ କେନାଲ ଦ୍ୱାରା ଜଳସେଚିତ କରାଯାଇପାରିବ! ବୋଧେ ଏହାର ଉତ୍ତର କାହା ପାଖରେ ନଥିବ । ଆଜି ରେଙ୍ଗାଲି ଯୋଜନା ସୁଫଳକୁ ଚାହିଁ ଚାହିଁ ଅନେକ ଚାଷୀ ଆଖି ବୁଜିଲେଣି । ଆଉ ଆରପାରିରେ ରହି ଆଜି ଚାଷୀର ଆତ୍ମା ଗୁମୁରି ଗୁମୁରି କାନ୍ଦୁଛି । ଆଉ ଶୂନ୍ୟକୁ ଚାହିଁ ରହିଥିବା ଚାଷୀ ଆଜି ଭାବୁଛି ଶହଶହ କୋଟି ଟଙ୍କା ବ୍ୟୟର ଏହି ଯୋଜନା କାହା ସ୍ୱାର୍ଥରେ! ସତରେ ସାଂପ୍ରତିକ ସ୍ଥିତିରେ ଗଢ଼ି ଉଠିଥିବା ଅତ୍ୟାଧୁନିକ ସଭ୍ୟତାର କବର ଉପରେ ଏହି କେନାଲ ଖୋଳାଯାଇ ଚାଷୀର ଭାଗ୍ୟ ପରିବର୍ତ୍ତନ କରାଯାଇ ପାରିବ! କେତେକ ସେହିପରି କାଗଜକଲମରେ ଯୋଜନାର ପୂର୍ଣ୍ଣାଙ୍ଗ ରୂପରେଖ ତିଆରି କରାଯାଇ ଫାଇଲ୍ ଭିତରେ ସମାଧିସ୍ଥ ହୋଇ ରହିଯାଉଛି ବା ବନ୍ଦ ହୋଇ ପଡ଼ିରହୁଛି । ଆମ ଦେଶ ଓ ରାଜ୍ୟଗୁଡ଼ିକରେ ସ୍ୱାଧୀନତା ପରବର୍ତ୍ତୀ କ୍ଷେତ୍ରରେ କୃଷିକୁ ଅନେକ ଗୁରୁତ୍ୱ ଦିଆଯାଉଥିଲା । ଆମ ପଡ଼ୋଶୀ ରାଜ୍ୟ ଅବିଭକ୍ତ ଆନ୍ଧ୍ରପ୍ରଦେଶରେ କୃଷିକ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦିଆଯାଇଥିବାରୁ ସେହି ରାଜ୍ୟ ବିଶ୍ୱର କୃଷି ମାନଚିତ୍ରରେ ତା'ର ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛି । ଆନ୍ଧ୍ରପ୍ରଦେଶ ତା'ର ନିଜସ୍ୱ ବାସ୍ତବବାଦୀ କୃଷିନୀତି ଯୋଗୁ ରାଜ୍ୟ ଅର୍ଥନୀତିର ଅଭିବୃଦ୍ଧି ଘଟିବା ଫଳରେ କୃଷିକ୍ଷେତ୍ରର ଉନ୍ନତି ହେବା ସଂଗେ ସଂଗେ କୃଷକମାନଙ୍କର ଆର୍ଥିକ ମେରୁଦଣ୍ଡ ମଧ୍ୟ ସୁଦୃଢ଼ ହୋଇପାରିଥିଲା । ଯାହାଫଳରେ କି ଆଜି ବିଜ୍ଞାନ ପ୍ରଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ଏହି ରାଜ୍ୟ ବହୁ ଉନ୍ନତି କରିଥିଲେ ବି କୃଷିକ୍ଷେତ୍ର ତା'ର ସ୍ଥିତିକୁ ସେହିପରି ସୁଦୃଢ଼ କରି ରଖିପାରିଛି । ପରବର୍ତ୍ତୀ ସମୟରେ କୃଷିକ୍ଷେତ୍ରର ମୂଳଦୁଆ ସୁଦୃଢ଼ କରାଯାଇପାରିଥିବାରୁ ଆଜି ଆନ୍ଧ୍ରପ୍ରଦେଶର କୃଷିକ୍ଷେତ୍ର ସୁଦୃଢ଼ ରହିଛି ଓ କୃଷକ ତା'ର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଏହି ରାଜ୍ୟର ସରକାର ଶିଳ୍ପ, ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ଅଭିବୃଦ୍ଧି ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରୁଥିଲେ ମଧ୍ୟ କୃଷିକ୍ଷେତ୍ର ବିକାଶଧାରାର ପ୍ରାଧାନ୍ୟତାକୁ କେବେହେଲେ ନ୍ୟୂନ କରି ନ ଥା'ନ୍ତି ।

କିନ୍ତୁ ସ୍ୱାଧୀନତା ପରବର୍ତ୍ତୀ ସମୟରୁ ଓଡ଼ିଶା କୃଷିକ୍ଷେତ୍ରରେ କାହିଁକି ଯେ ଅବହେଳିତ, ତାହା ଠିକ୍ ଭାବରେ ବୁଝାପଡ଼େନା । ଆମ ରାଜ୍ୟ କେବଳ ଶିଳ୍ପର ବିକାଶ ପାଇଁ କେଉଁ ସରକାର ହଜାର ଦିନରେ ହଜାର ଶିଳ୍ପର ଡାକରା ଦେଲେଣି ତ' ଆଉ କେଉଁ ସରକାର ବୃହତ ଶିଳ୍ପର ସ୍ୱପ୍ନକୁ ସାକାର କରିବାକୁ ବଡ଼ ବଡ଼ ଶିଳ୍ପପତିମାନଙ୍କର ଶରଣାପନ୍ନ ହେଲେଣି । ଦେଶ ଓ ରାଜ୍ୟର କୃଷିକ୍ଷେତ୍ରକୁ ଅବହେଳା କରିବା ଉଚିତ ନୁହେଁ । କୃଷିକ୍ଷେତ୍ରର ଉନ୍ନତି ପାଇଁ ଆମ ସରକାର ଯୋଜନା ପରେ ଯୋଜନାଗୁଡ଼ିକର ଘୋଷଣା କରି ଚାଲିଛନ୍ତି । ତଥାପି ରାଜ୍ୟରେ କୃଷିକ୍ଷେତ୍ରର ବିକାଶ ଘଟୁନାହିଁ । ଏହି କ୍ଷେତ୍ର ଯେପରି ଆଉ କିଛିଦିନ ପରେ ଶୂନ୍ୟହୋଇ ଯିବାକୁ ବସିଲାଣି । ଗାଁ'ଠାରୁ ସହର ଉପକଣ୍ଠଯାଏ ହଜାର ହଜାର ଏକ ଚାଷଜମି ପଡ଼ିଆ ପଡୁଛି । ବାସ୍ତବତାର ଏହି ନଗ୍ନଦୃଶ୍ୟକୁ ନ ଦେଖିବା ପାଇଁ ବୋଧହୁଏ ସମସ୍ତଙ୍କ ଆଖିରେ ଅନ୍ଧପୁଟୁଳି ବନ୍ଧାହୋଇଛି ।

କୃଷିକ୍ଷେତ୍ରର ବିକାଶ ସହିତ ଅନ୍ୟାନ୍ୟ କ୍ଷେତ୍ରର ବିକାଶ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । କୃଷିର ଉନ୍ନତି ପାଇଁ କୃଷିଭିତ୍ତିକ ଶିଳ୍ପର ମଧ୍ୟ ଆବଶ୍ୟକତା ରହିଛି । କୃଷିକ୍ଷେତ୍ରକୁ ଅବହେଳା କରି ବହୁତ ଶିଳ୍ପ ସ୍ଥାପନକୁ ଅଧିକ ପ୍ରାଧାନ୍ୟ ଦେବା ଉଚିତ୍ ନୁହେଁ । ଏହାଫଳରେ କୃଷିକ୍ଷେତ୍ର ଅବହେଳିତ ହୋଇଯାଏ । କିନ୍ତୁ ଏହା ସତ୍ୟ ଯେ କୃଷିକ୍ଷେତ୍ରର ଉନ୍ନତି ପାଇଁ ଜଳ, ଜଂଗଲ, ପରିବେଶ, କୃଷିଭିତ୍ତିକ ଶିଳ୍ପ, ତୈଳ ଓ ସାରକ୍ଷେତ୍ର, ଇସ୍ପାତ ଓ ଅନ୍ୟାନ୍ୟ ଶିଳ୍ପ କ୍ଷେତ୍ରର ମଧ୍ୟ ଆବଶ୍ୟକତା ରହିଛି । ତଥାପି କୃଷି ଏକ ଏଭଳି କ୍ଷେତ୍ର ମଣିଷ ଓ ଜୀବଜଗତକୁ ଆହାର ଯୋଗାଏ ଓ ଶିଳ୍ପକ୍ଷେତ୍ରକୁ ମଧ୍ୟ ସମୃଦ୍ଧ କରେ, ଆଉ ଦେଶର ଅର୍ଥନୀତିକୁ ମଧ୍ୟ ସୁଦୃଢ଼ କରିବାରେ ସହାୟକ ହୋଇଥାଏ । ତେଣୁ ଆମ ରାଜ୍ୟ ସରକାର କୃଷିର ଉନ୍ନତି ପାଇଁ ଗଭୀର ଚିନ୍ତା କରିବାର ସମୟ ଆସିଛି । କୃଷିକ୍ଷେତ୍ର ବିପନ୍ନ ହୋଇପଡିଲେ ଭବିଷ୍ୟତରେ ରାଜ୍ୟବାସୀ ପେଟକୁ ଗଣ୍ଡାଏ ଦାନା ଯୋଗାଡ କରିବା କଷ୍ଟକର ହୋଇପଡ଼ିବ । ସମୟ ଆସିଛି- ଅବହେଳିତ କୃଷିକ୍ଷେତ୍ରର ବିକାଶ ପାଇଁ ଖାଲି ସରକାର ନୁହଁନ୍ତି, ଓଡ଼ିଶାବାସୀ ମଧ୍ୟ ଚିନ୍ତା କରିବା ଉଚିତ ବା ଆତ୍ମଚିନ୍ତନ କରିବା ଉଚିତ୍ ।

*-ବରିଷ୍ଠ ସାମ୍ବାଦିକ, ଭୁବନେଶ୍ୱର*
**Email:haladhar.dhir@gmail.com**

# ଭାଷା

## ଆଚରଣ ଓ ଉଚ୍ଚାରଣ
### ••• ଦାସେ •••

ଭାଷା ହେଉଛି ଅଭିବ୍ୟକ୍ତିର ମାଧ୍ୟମ। ଭାଷା ଏକ ଜାତିର ଜୀବନୀ ଶକ୍ତି ବୋଲି କୁହାଯାଇଛି ମଧ୍ୟ। ଏହି ଭାଷାକୁ ନେଇ କେତେ କଥା। ଏବେ ପୁଣି ଓଡ଼ିଆ ଭାଷାକୁ ନେଇ କେତେ ତର୍ଜମା ଚାଲିଛି ତାହାର ଇୟତା ନାହିଁ। ତଥାପି ଆମେ କଥାବାର୍ତ୍ତା କଲାବେଳେ ଭାଷା ଉପରେ ସଂଯମତା ଆଚରଣ କରିପାରୁନାହୁଁ। ଏଇ ଦେଖୁନାହାଁନ୍ତି ଦିନେ ସକାଳୁ ସକାଳୁ ଛକ ଅଭିମୁଖେ ଅଗ୍ରସର ହେଉଥାଏ ଦୁଇଚକିଆ ଯନ୍ତ୍ରଚାଳିତ ଯାନରେ। ରାସ୍ତାର ବାମ ପାର୍ଶ୍ୱରେ ଦେଖିଲି ଦୁଇଜଣ ଲୋକଙ୍କର ବାକ୍ ଓ ପେଲାପେଲି ଯୁଦ୍ଧ। ସେ ଦୁହିଁଙ୍କୁ ଚିହ୍ନିଥିବା ହେତୁ ଓ ଜଣେ 'ଆପଣ' ଓ 'ତୁମେ' ଶବ୍ଦ ପ୍ରୟୋଗ କରୁଥିବା ବେଳେ ଅନ୍ୟଜଣକ ତାଙ୍କୁ ତୁ ତା'କର 'ରେ' ରା, ଦୋଅକ୍ଷରୀ, ତିନିଅକ୍ଷରୀ ଓ ଅଭିଧାନ ବହିର୍ଭୁତ ଶବ୍ଦ ବ୍ୟବହାର ସକାଶେ ସେଠାରେ ରହିଲି। ମାଡଗୋଳର କାରଣ ଜାଣିବା ଅପେକ୍ଷା ମନସ୍ଥ କଲି ସେ ଲୋକଙ୍କୁ ଟିକେ ସେମାନଙ୍କ ସ୍ତର ଚେତେଇ ଦେବି। ତୁ ତା'କର ଲୋକଙ୍କୁ ସିଧା ମଉସା ସମ୍ବୋଧନ କରି କହିଲି, "ମଉସା ଆପଣ ଜଣେ ଶିକ୍ଷକ। ଆପଣ କ'ଣ ଏମିତି ଖରାପ ଭାଷାରେ ତାଙ୍କ ସହ କଥାବାର୍ତ୍ତା କରୁଛନ୍ତି, ଯିଏ କି ଆପଣଙ୍କଠୁ ବୟସରେ ବଡ ହେବେ।'' ସେ ତା' ପରେ ମୋତେ ମାଡଗୋଳର କାରଣ କହିବା ଆରମ୍ଭ କରିବାରୁ କହିଲି, "ମଉସା ଆପଣଙ୍କ ମାଡଗୋଳ ବା କଥୋପକଥନରେ ମୋର ମୁଣ୍ଡ ପୂରାଇବାର ଆବଶ୍ୟକତା ନାହିଁ। ମୋର ଗୋଟିଏ ମାତ୍ର ଅନୁରୋଧ ଆପଣ ତାଙ୍କ ସଂଗେ ସେ ଯେମିତି ବ୍ୟବହାର କରୁଛନ୍ତି ସେମିତି ଶୁଦ୍ଧ ଶବ୍ଦରେ ସମ୍ବୋଧନ କରନ୍ତୁ।'' ସେ କହିଲେ, ''ତୁ ଜାଣିନୁ ଏ ବାବୁ ମୋତେ ଥରେ ଏମିତି ଆସି ତୁ ତା'କର କରି କହିଥିଲେ। ସେଥିପାଇଁ ମୁଁ ସେହିଦିନଠାରୁ କହୁଛି।'' କହିଲି, ''ଆପଣଙ୍କୁ ସେ ଯେବେ କହିଥିଲେ .ସେତେବେଳେ କିଏ ଶୁଣିଥିଲେ ନ ଶୁଣିଥିଲେ ଜାଣେନି; ମାତ୍ର ମୁଁ ଏବେ ମୋର ମଉସାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ଶୁଣୁଛି। ଏହା ଆଦୌ ଜଣେ ଶିକ୍ଷକର ଶିକ୍ଷକୋଚିତ କର୍ମ ନୁହେଁ।'' ଏହାପରେ ଅବଶ୍ୟ ମଉସା ସଂଗେ ସଂଗେ 'ତୁ' ରୁ 'ତୁମେ' ଓ 'ତୁମେ'ରୁ 'ଆପଣ' ଆଡକୁ ଫେରିଲେ ଏବଂ ମୁଁ ସେ ସ୍ଥାନ ଛାଡି ମୋ' କର୍ମକ୍ଷେତ୍ର ଆଡେ ଅଗ୍ରସର ହେଲି।

ଏବେ ମଉସା ମୋତେ ଯେବେ ଦେଖୁଛନ୍ତି ଲଜ୍ଜିତ ଭଳି ମୁଣ୍ଡ ତଳକୁ କରୁଛନ୍ତି। ସେ କୁଆଡେ ଜଣେ ମୋର ପ୍ରଶଂସକ ବୋଲି ଅନ୍ୟମାନଙ୍କଠାରୁ ଶୁଣିଲି। ମୋର ପ୍ରଶଂସକ ହୁଅନ୍ତୁ ଅବା ନିନ୍ଦୁକ ହୁଅନ୍ତୁ ମୋ' କଥାରେ ବଦଳିଲେ ଏହାଠାରୁ ବଡ କଥା କ'ଣ ଥାଇପାରେ?

କହିଜାଣିଲେ କଥା ସୁନ୍ଦରରେ ହିଁ ଭାଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଭାଷା ଏପରି ଏକ ମାଧ୍ୟମ ଯାହା ଆପଣଙ୍କୁ କେଉଁଠାରୁ ନେଇ କେଉଁଠାରେ ପହଞ୍ଚାଇ ଦେବ। ଭାଷାର ମୌଳିକ ଆବଶ୍ୟକତା ହିଁ ସ୍ୱାଭାବିକତା, ସରଳତା ଏବଂ ଉପକାରିତା। ଏଥିପାଇଁ ସମସ୍ତେ ଧ୍ୟାନ ଦେବା ସଂଗେ ସଂଗେ ସତର୍କ ରହିବା ଉଚିତ। ପ୍ରକାଶ ଭଙ୍ଗୀ କିପରି ବଳିଷ୍ଠ, ନୂତନ ଏବଂ ଯଥାଯଥ ହେବ, ସେଥିପାଇଁ ଆବଶ୍ୟକ ସ୍ଥଳେ ବିଶୁଦ୍ଧ ଶବ୍ଦ ଉଚ୍ଚାରଣ କରି ସ୍ମୃତିଶୀଳ ପରମ୍ପରାକୁ ଗୁରୁତ୍ୱ ଦେବା ଦରକାର। ସନ୍ଥକବି ତୁଳସୀ ଦାସ ରାମଚରିତ ମାନସରେ ଲେଖିଛନ୍ତି:-

***"ଗଗନ ଚଢଇ ରଜ ପୱନ ପ୍ରସଙ୍ଗା***
***କୀଚ ହିଁ ମିଳଇ ନୀଚ ଜଳ ସଙ୍ଗା***
***ସାଧୁ ଅସାଧୁ ସଦନ ଶୁକ ଶାରୀ***
***ସୁମର ହିଁ ରାମଦେହିଁ ଗନିଗାରୀ।"***

ଅର୍ଥାତ୍-ଧୂଳି ପବନ ସାଙ୍ଗରେ ମିଶିଲେ ଉପରକୁ ଉଡିଯାଏ। ସେହି ଧୂଳି ପୁଣି ପାଣିରେ ମିଶିଲେ ପଙ୍କରେ ପରିଣତ ହୁଏ। ସାଧୁସନ୍ଥଙ୍କ ଘରେ ଶୁଆଶାରୀ ପୋଷାଗଲେ ସେମାନେ 'ରାମରାମ' ନାମ ଶବ୍ଦ ଉଚ୍ଚାରଣ କରନ୍ତି ଓ ଅସାଧୁ ବା ଖରାପ ଲୋକଙ୍କ ଘରେ ଶୁଆଶାରୀ ପୋଷାଗଲେ ସେମାନେ ରାମ ଶବ୍ଦର ଓଲଟା ଶବ୍ଦ ଉଚ୍ଚାରଣ କରନ୍ତି।

ଉପରୋକ୍ତ ବଦଳିଯିବା ପ୍ରସଙ୍ଗକୁ ଯେତେବେଳେ ଅନ୍ୟମାନଙ୍କ ଆଗେ କହିବସିଲି ପ୍ରଶଂସା ପାଇଁ ଅବା ବାହାଦୂରୀ ପାଇଁ ସେମାନେ କହିଲେ, "ଏଭଳି ଘଟଣା କମ୍ ଘଟେ କାରଣ ବୁଝିଲାବାଲାର ମୁଣ୍ଡରେ ସେ କଥାଟା ଠିକ୍ ଭାବରେ ପ୍ରବେଶ ହେଲା ବୋଲି ଗୋଟିଏ ଭଲକଥା ସମ୍ଭବ ହେଲା। ମାତ୍ର ଅବୁଝା ଲୋକକୁ ବୁଝାଇ ହୁଏନା, କାରଣ ସେମାନେ ଯାହା ବୁଝିଥା'ନ୍ତି ସେଟା ତାଙ୍କ ପାଇଁ ବେଦର ଗାର।" ଲୋକେ କାହିଁ ବୁଝନ୍ତିନି ସେକଥା ମୁଁ ଭାବି ଭାବି ଉତ୍ତର ଏଇଆ ପାଇଲି ଯେ 'ମୁଁ' ବୋଲି ଔଦ୍ଧତ୍ୟପୂର୍ଣ୍ଣ ଶବ୍ଦ ମଣିଷ ଭିତରେ ଯେବେଠୁ ବସାବାନ୍ଧି ତାର କାୟା ବିସ୍ତାର କରିସାରିଛି ସେବେଠୁ ଏ ପରମ୍ପରା ଲାଗିଛି। 'ମୁଁ' ସଦାସର୍ବଦା ଅହଙ୍କାର ଓ ଦାମ୍ଭିକତା ଶବ୍ଦକୁ ନେଇ ଚାଲେ। ତେଣୁ 'ମୁଁ' ଅସମ୍ଭବ ଭାବରେ ବଳୀୟାନ ହୋଇ ଔଦ୍ଧତାମୀ ଦେଖାଏ। ଯାହାର ପରିଣାମ ପ୍ରାୟ ସଦାସର୍ବଦା ନଷ୍ଟର ଅନ୍ୟଗତି ହିଁ ହୁଏ। ଆଉ ଯେତେବେଳେ ବି ଭଲ ହୁଏ ତାହା ଚରିଆତ୍ତୁ ପ୍ରଶଂସା ପାଇବାକୁ ହକ୍‌ଦାର ହୋଇଥାଏ।

ସମସ୍ତେ ଏଭଳି ପଦକ୍ଷେପମାନ ନେଲେ ଦୁନିଆ ଆସ୍ତେ ଆସ୍ତେ ବଦଳିବାକୁ ଲାଗନ୍ତା ବୋଲି ମୋର ବିଶ୍ୱାସ। ବଚନରେ ଦରିଦ୍ର ହେବାର କୌଣସି ଆବଶ୍ୟକତା ନାହିଁ। ନା, କ'ଣ କହୁଛନ୍ତି ଆଜ୍ଞା?

# ଶକ୍ତିମୟୀ 'ଦୁର୍ଗା'-ଏକ ଅତିତ ଆକଳନ



ଶକ୍ତିପୂଜା ବହୁ ପ୍ରାଚୀନ କାଳରୁ ଆମ ଉତ୍କଳରେ ପ୍ରଚଳିତ। ବିଭିନ୍ନ ଧର୍ମ ଶାସ୍ତ୍ରର ପୃଷ୍ଠାକୁ ରୋମନ୍ଥନ କଲେ ଏହା ସ୍ପଷ୍ଟ ଅନୁମେୟ ହୁଏ ଯେ ସମସ୍ତ ଶକ୍ତିର ମୂଳମନ୍ତ୍ର ଦେବୀ ଦୁର୍ଗା । ସେ ବିଭିନ୍ନ ନାମରେ ତଥା ରୂପରେ ଯଥା: ମହିଷ ମର୍ଦ୍ଦିନୀ, ବନଦୁର୍ଗା, ମହାଦୁର୍ଗା, ଆଦ୍ୟାଶକ୍ତି, ମହାଶକ୍ତି, ଦ୍ୱିଭୁଜା, ଷଡ଼ଭୁଜା, ଅଷ୍ଟଭୁଜା, ଦଶଭୁଜା ଇତ୍ୟାଦି ରୂପରେ ବନ୍ଦିତା। ଶକ୍ତିମୟୀ ଦୁର୍ଗାଙ୍କର ଉତ୍ପତ୍ତି ସମ୍ପର୍କରେ ବିଭିନ୍ନ ମତ ପ୍ରକାଶ ପାଉଥିଲେ ସୁଦ୍ଧା ବାସ୍ତବିକ ଦେବୀ ହେଉଛନ୍ତି ତ୍ରିଗୁଣାତ୍ମିକା। ସେ ସୃଷ୍ଟି, ସ୍ଥିତି ଓ ପ୍ରଳୟକାରିଣୀ। ତାଙ୍କୁ ସ୍ମରଣ କଲାମାତ୍ରେ ସେ ସମସ୍ତ ଜୀବଜଗତର କ୍ଲେଶ ଦୂର କରନ୍ତି । ସେ ସମସ୍ତଙ୍କର ଆଶ୍ରୟଦାତ୍ରୀ ଓ ମୁକ୍ତି ପ୍ରଦାୟିନୀ । ବିଶ୍ୱରୁ ମହିଷାସୁର ପ୍ରକୃତିର ବିଲୋପ ସାଧନ ପାଇଁ ସେ ଜଗଦ୍ଧାତ୍ରୀ, ଦୁର୍ଗତିନାଶିନୀ ଓ ବିଶ୍ୱମୋହିନୀ ରୂପରେ ଧରାବତୀର୍ଣ୍ଣା ହୋଇ ତମସାଚ୍ଛନ୍ନ ଗତିରେ ନୂତନ ଓ ଦିବ୍ୟ ଆଲୋକର ସନ୍ଧାନ ଦିଅନ୍ତି । ସେ ମହାମାୟା, ଜଗଦମ୍ବା ଓ ବ୍ରହ୍ମସ୍ୱରୂପିଣୀ। ସେ ପରମାତ୍ମା ଓ ଦ୍ୟୁଲୋକର ଜନନୀ । ସେ ଶକ୍ତିମୟୀ ସନ୍ତାନବତ୍ସଳା। ମା' ସନ୍ତାନର ଦୁଃଖ ପ୍ରଶମନ ପାଇଁ, ସେ ଦ୍ୱିଭୁଜା, ଚତୁର୍ଭୁଜା, ଅଷ୍ଟଭୁଜା, ଦଶଭୁଜାକୁ ଧାରଣ କରନ୍ତି। ନାନାବିଧ ରୂପ ଓ ସହସ୍ର ନାମନେଇ, ନିତ୍ୟ ପୂଜାପ୍ରାପ୍ତ ହେଉଥିବା ସେହି ଜାଗ୍ରତମୟୀ ମାତୃଶକ୍ତି ଏକ ଅଭିନ୍ନ। ସେହି ଦୀପ୍ତିମୟୀ, ପରମେଶ୍ୱରୀ ଦେବୀ ଦୁର୍ଗା, ସ୍ଥୂଳ ଓ ସୂକ୍ଷ୍ମ ସମସ୍ତ ଶକ୍ତିର ସମନ୍ୱୟ, ଏଣୁ ତାଙ୍କୁ ଶକ୍ତିର ମୂଳାଧାର ଓ ଆଦ୍ୟାଶକ୍ତି ବୋଲି ବର୍ଣ୍ଣନା କରାଯାଇଛି । ତେଣୁ ପୁରାତନ କାଳରୁ ଶକ୍ତିର ବୈଶିଷ୍ଟ୍ୟତା ଯୁଗେ ଯୁଗେ ମହାନଭାବେ ପ୍ରତିପାଦିତ ହୋଇଆସିଛି । ନାରୀ ସୃଷ୍ଟିକର୍ତ୍ତ୍ରୀ । ସେ ଅବଳା, ଦୁର୍ବଳା, ମାତୃତୁଲ୍ୟା, ସହନଶୀଳା ସତ୍ୟ; କିନ୍ତୁ ଯେତେବେଳେ ସୃଷ୍ଟି କୌଣସି ଆସୁରିକ ଶକ୍ତିଦ୍ୱାରା ଅତ୍ୟାଚରିତ ଓ ପୀଡ଼ିତ ହୁଏ ସେତେବେଳେ ଦୈବୀଶକ୍ତି ଆବିର୍ଭୂତ ହୁଏ । ଯେଉଁ ଶକ୍ତି ହିଁ ମାତୃଶକ୍ତି ଏବଂ ଉକ୍ତ ଆସୁରିକ ଶକ୍ତିର ବିନାଶ ମାତୃଶକ୍ତି ଦ୍ୱାରା ହିଁ ହୋଇଥାଏ । ଏହି ମହନୀୟା ମହାଦେବୀ ଦୁର୍ଗା ସ୍ୱୟଂ ପରଂବ୍ରହ୍ମସ୍ୱରୂପା ଏବଂ ବ୍ରହ୍ମା, ବିଷ୍ଣୁ, ଶିବ ପ୍ରଭୃତି ସମସ୍ତ ଦେବଙ୍କର ଜନ୍ମଦାତ୍ରୀ, ବିଶ୍ୱପ୍ରସବିନୀ ସ୍ୱୟଂ ଆଦିମାତା । ଅର୍ଥାତ ମା ଦୁର୍ଗା ନିଜେ ଅଖଣ୍ଡ ବ୍ରହ୍ମଙ୍କର ସଗୁଣ ସାକାର ପୂର୍ଣ୍ଣତମା ମାତୃମୂର୍ତ୍ତି। ଦେବୀ ଦୁର୍ଗା ଯେ ନିଜେ ତ୍ରିଦେବଙ୍କର ସୃଷ୍ଟିକାରିଣୀ ଆଦିମାତା । ଏହାର ପ୍ରମାଣ ଶ୍ରୀ ଶ୍ରୀ ଚଣ୍ଡୀରେ ଉପଲବ୍ଧ । ଯଥା:- ***"ବିଷ୍ଣୁଃ ଶରୀର ଗ୍ରହଣ, ମହମୀଶାନ ଏବଚ/କାରିତାସ୍ତେ ଯତୋଽତସ୍ତ୍ୱାଂ କଃ ସ୍ତୋତୁଂ ଶକ୍ତିମାନ ଭବେତ।"***

ମହାଦେବୀ ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କୁ ସୃଷ୍ଟିକରି ସେମାନଙ୍କ ଦ୍ୱାରା ସୃଷ୍ଟି, ସ୍ଥିତ ଓ ସଂହାରାଦି କାର୍ଯ୍ୟ କରାଇଥାନ୍ତି । ଶିବ ମହାପୁରାଣରେ ଏହା ମଧ୍ୟ ଉଲ୍ଲିଖିତ ଅଛି- ***"ସୃଷ୍ଟି ସ୍ଥିତି ନାଶମୟୀ ଚ କର୍ତ୍ତ୍ରୀ/ ବ୍ରହ୍ମାଽଚ୍ୟୁତ ସ୍ଥାଣୁ ଶରୀର ହେତୁଃ।। ସାତ୍ୱଂ ପ୍ରସୀଦାଽଦ୍ୟ ପୁନର୍ନମନ୍ତେ ।।"***

ଅତଏବ ଏହା ମହାଦେବୀ ଦୁର୍ଗା ସ୍ୱୟଂ ପରଂବ୍ରହ୍ମ ସ୍ୱରୂପା। ଏକଥା ଦେବ୍ୟଥର୍ବ ଶୀର୍ଷରେ ସ୍ୱୟଂ ମହାଦେବୀଙ୍କ ମୁଖରେ କୁହାଯାଇଛି-"ଅହଂ ବ୍ରହ୍ମ ସ୍ୱରୂପିଣୀ, ମତ୍ତଃ ପ୍ରକୃତିପୁରୁଷାତ୍ମକ ଜଗତ।" ଦେବୀ ଭାଗବତରେ ମଧ୍ୟ ଏହାର ପ୍ରମାଣ ଉଲ୍ଲିଖିତ ଅଛି। ଯଥା- ***"ଯା ଶକ୍ତି ପରମାତ୍ମସୌ ଯାସୌ ସା ପରମା ମତା/ଅନ୍ତରଂ ନୈତୋୟୋଃ କୋଽପି ସୂକ୍ଷ୍ମ ବେଦତ ନାରଦ।"*** ଅର୍ଥାତ "ଶକ୍ତି ନିଜେ ପରମାତ୍ମା, ପରମ ଶକ୍ତି ହୋଇ ଏ ଦୁହିଙ୍କର ମଧ୍ୟରେ ପ୍ରଭେଦ, କାହାକୁ ଜଣାନାହିଁ।" ଏହି ଶକ୍ତିମୟୀ ତ୍ରିଗୁଣାତ୍ମକ ଦୁର୍ଗାଙ୍କ ବିଷୟରେ ସାବିତ୍ରୀ ମହାକାବ୍ୟରେ ଶ୍ରୀ ଅରବିନ୍ଦ ଲେଖିଛନ୍ତି-"I am Durga, Goddess of pound & strong And Laxmi, the Queen of Fair & Fortunate. I wear the face of Kali when, kill. I trample the corpses of demon hordes."



ପ୍ରତିବର୍ଷ ଏହି ଶରତର ପାର୍ବଣ ତିଥିରେ ମା ଲାସ୍ୟମୟୀ ହାସ୍ୟମୟୀ ଏ ଧରାପୃଷ୍ଠକୁ ମୃଣ୍ମୟୀ ସାଜି ଆସନ୍ତି ଏବଂ ଏ ଧରାରୁ ସମସ୍ତ ଦୁଃଖ ଦୁର୍ଦ୍ଦିନକୁ ବିନାଶ କରନ୍ତି। ମାତ୍ର ଆଜିର ସମାଜ କଳୁଷିତ । ଆଜିର ସମାଜ ଯେତେ ଉନ୍ନତିର ଉତ୍ତୁଙ୍ଗ ଶିଖରକୁ ଉଠିଥିଲେ ମଧ୍ୟ ନାରୀ ନିର୍ଯାତନା, ଯୌତୁକ ପରି ଘୃଣ୍ୟ ପ୍ରଥା ସର୍ବଦିଗ ବିସ୍ତୃତ । ଆଜି ପ୍ରତ୍ୟେକ କ୍ଷେତ୍ରରେ ନାରୀ ଜାତି ଲାଞ୍ଛିତ । ନାରୀ ଯେ ସକଳ ଶକ୍ତିର ଉତ୍ସ ଏକଥା ଗ୍ରହଣ କରିବା ପାଇଁ କେହି ପ୍ରସ୍ତୁତ ନାହାନ୍ତି । ଧର୍ମ ନାମରେ ଦ୍ୱାହି ଦେଇ ସକଳ ବ୍ୟଭିଚାର ଅଶ୍ଳୀଳତା ତାର କାୟା ବିସ୍ତାର କରିବାରେ ଲାଗିଛି । ନିଜ ପରମ୍ପରାକୁ ବଜାୟ ରଖି ଯଦିଓ ଶକ୍ତିପୂଜା ଆଜି ଉତ୍କଳର ପୁରପଲ୍ଲୀଠାରୁ ଆରମ୍ଭ ହୋଇ ସଭ୍ୟତାର ଶେଷ ପାହାଚ ପର୍ଯ୍ୟନ୍ତ ଆଡ଼ମ୍ବର ସହକାରେ ପାଳିତ ହେଉଛି; ମାତ୍ର ଶକ୍ତିପୂଜାର ଅନ୍ତର୍ନିହିତ ଆଧ୍ୟାତ୍ମିକ ମୂଲ୍ୟବୋଧକୁ କେହି ବୁଝିବା ପାଇଁ ଅନିଚ୍ଛୁକ । ନିଷ୍ଠା ନାହିଁ ପୂଜା ମଣ୍ଡପରେ, ଅଶ୍ଳୀଳ ସଙ୍ଗୀତର ମୂର୍ଚ୍ଛନାରେ ନେତାଠାରୁ ଆରମ୍ଭ କରି ଯୁବପିଢ଼ୀ ପାଶ୍ଚାତ୍ୟ ସଭ୍ୟତାର ଛାପ ନେଇ ନବସଭ୍ୟ ସମାଜ ରଙ୍ଗିନ ସୁଖରେ ମତୁଆଲ । ଡାକବାଜି ଯନ୍ତ୍ରରେ ପୂଜକର ଶ୍ଳୋକାବୃତ ଓ ଆରାଧନା ଅଶ୍ଳୀଳ ସଙ୍ଗୀତର ତାଳେ ତାଳେ ଆଚ୍ଛାଦିତ । ତେବେ, ଏ ସବୁର କ'ଣ ପରିବର୍ତ୍ତନ କେବେ ହେବନି? ଶକ୍ତି ପୂଜାର ମହତ୍ତ୍ୱକୁ ବାସ୍ତବରେ ଉପଲବ୍ଧି କଲାପରେ: ଯଦି ହିଁ ସେ ସମୟ କେବେ ଆସିବ?

ମା' ଶକ୍ତିମୟୀ, ତୁ ସକଳ ଶକ୍ତିର ମୂଳମନ୍ତ୍ର । ଏ ସମାଜ ଆଜି କଳୁଷିତ, ପୃଥିବୀ ଆଜି ଧ୍ୱଂସାଭିମୁଖୀ। ଏହାକୁ ଉଦ୍ଧାର କର ମା', ସମସ୍ତଙ୍କ ମନରେ ଶୁଭବୁଦ୍ଧି ପ୍ରଦାନ କର। ତୁମେ ତ' ମଙ୍ଗଳଦାୟିନୀ, ମାତୃରୂପିଣୀ ଶକ୍ତିପ୍ରଦାୟିନୀ, ସତ୍ୟପଥରେ ଆଗକୁ ଯିବାପାଇଁ ସନ୍ତାନମାନଙ୍କୁ ପଥ ପ୍ରଦର୍ଶନ କରି ନୂତନ ସୃଷ୍ଟିର ସୃଜନ ସହ ଅସତ୍ୟ, ଅନ୍ୟାୟ, ଅତ୍ୟାଚାରର ବିଲୟ କର ମା। ଏ ବିଶ୍ୱରୁ ମହାଭୟର ବିଲୟ ଘଟୁ, ତେଣୁ ଭକ୍ତିପୁତ ନିବେଦନ- ***"ନମାମି ତ୍ୱା ମହଂ ଦେବୀ ମହାଭୟ ବିନାଶିନୀମ୍।"***

**ଉମାଶଙ୍କର ପ୍ରସାଦ**
*ସମ୍ପାଦକ, 'ମାର୍ଗଦର୍ଶୀ', ଖୋର୍ଦ୍ଧା,*
*ମୋ: ୮୮୯୫୫୪୭୪୯୦*




# କରୋନା ସଂକ୍ରମଣ ରୋକିବା ଲାଗି ବାୟୋମେଡିକାଲ୍ ବର୍ଜ୍ୟବସ୍ତୁର ପରିଚାଳନା ଉପରେ ଜାତିସଂଘର ସଂସ୍ଥା "ୟୁନିଡୋ'ର ଗୁରୁତ୍ୱ

ଭୁବନେଶ୍ୱର: କରୋନା ସଂକ୍ରମଣକୁ ରୋକିବାକୁ ହେଲେ ବାୟୋ ମେଡିକାଲ୍ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା କରିବା ଜରୁରୀ। ଏହା ଉପରେ ଗମ୍ଭୀରତାର ସହ ବିଚାର କରି ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ୟୁନାଇଟେଡ୍ ନେସନ୍ସ ଇଣ୍ଡଷ୍ଟ୍ରିଆଲ୍ ଡେଭେଲପ୍‌ମେଂଟ୍ ଅର୍ଗାନାଇଜେସନ୍ (ୟୁନିଡୋ)ର ପ୍ରତିନିଧି ଡକ୍ଟର ରେନେ ଭାନ୍ ବର୍କେଲ୍ କହିଛନ୍ତି। ଅଣ ଲାଭଦାୟକ ସଂସ୍ଥା କମ୍ୟୁନେଟି ପକ୍ଷରୁ ରମୈୟାହ ମେଡିକାଲ୍ କଲେଜ ଓ ୟୁନିଡୋ ଭାରତ ସହଯୋଗରେ ଆୟୋଜନ କରାଯାଇଥିବା ଏକ ୱେବିନାରରେ ଅଂଶଗ୍ରହଣ କରି ସେ କହିଛନ୍ତି ଯେ ପୂର୍ବାପେକ୍ଷା ଆମକୁ ବାୟୋ ମେଡିକାଲ୍‌ର ବର୍ଜ୍ୟ ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଏହା ଦ୍ୱାରା ହିଁ କରୋନା ସଂକ୍ରମଣକୁ ରୋକାଯାଇପରିବ। ଭାରତର ପାଂଚଟି ରାଜ୍ୟ କର୍ଣ୍ଣାଟକ, ପଂଜାବ, ଓଡ଼ିଶା, ମହାରାଷ୍ଟ୍ର ଓ ଗୁଜରାଟର ୧୬୦ରୁ ଅଧିକ ହସ୍ପିଟାଲ୍‌ରେ ମେଡିକାଲ୍ ବର୍ଜ୍ୟର ପରିଚାଳନା କରିବା ଲାଗି ପରିବେଶ ମିତବ୍ୟୟୀ ପଦ୍ଧତି ଓ ବ୍ୟବସ୍ଥା ବିକଶିତ କରିବା ଏବଂ କାର୍ଯ୍ୟକାରୀ କରିବା ଉପରେ ୟୁନିଡୋ କାର୍ଯ୍ୟ କରୁଛି। କୋଭିଡ୍-୧୯ ସଂକ୍ରମଣ ପରଠାରୁ ଏହି ପଦକ୍ଷେପ ଗ୍ରହଣ କରାଯିବା ଯୋଗୁଁ କୋଭିଡ୍-୧୯ ସଂକ୍ରମଣକୁ ସମ୍ପୂର୍ଣ୍ଣ ରୋକାଯାଇପାରିଛି। ପରାମର୍ଶ ଭିତିକ ଭିଡିଓ, ପେସାଦାର ତାଲିମ, ବିକାଶ ଏବଂ ସ୍ୱତନ୍ତ୍ର କୋଭିଡ୍-୧୯ ଭିତିକ ନିୟମ ପ୍ରଣୟନ, ବର୍ଜ୍ୟବସ୍ତୁ ପରିଚାଳନା କରୁଥିବା ଯୋଗାଣକାରୀଙ୍କୁ ଚିହ୍ନଟ ଓ ପ୍ରସାର ଆଦି ଜରିଆରେ ବର୍ଜ୍ୟବସ୍ତୁକୁ ନିୟନ୍ତ୍ରଣରେ ରଖାଯାଇଥିବା ବେଳେ ତାହାର ପୃଥକୀକରଣ କରିବା ପାଇଁ ବିବିଧ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବାରାଣାସୀର ସ୍ୱଚ୍ଛତା କର୍ମୀ ଡେମସୁତୁଲା ଇମସଙ୍ଗ ଏହି ୱେବିନାରରେ ଅଂଶଗ୍ରହଣ କରି ଗୋଷ୍ଠୀ ସହଯୋଗିତା ଜରିଆରେ ବାରାଣାସୀ ଘାଟର ସଫେଇ ଅନୁଭୂତି ବର୍ଣ୍ଣନା କରିଥିଲେ। ଜୈବ ମେଡିକାଲ୍ ବର୍ଜ୍ୟ ପରିଚାଳନାରେ ହସ୍ପିଟାଲ୍‌ଗୁଡ଼ିକ କିଭଳି ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ତାହା ସେ ଜଣାଇଥିଲେ। ଏହି ୱେବିନାରରେ ରାଜ୍ୟ ପଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡ଼ିକର ପ୍ରତିନିଧି ଅଂଶଗ୍ରହଣ କରି ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ।

# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତାଂଶ, ହେଭି ଯନ୍ତାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତାଂଶ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତରହିଛି। ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, "ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ୍ ଡି ଉପରେ ଅନୁଭୂତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର, ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି। ଏହା ଦ୍ୱାରା ମାନବସମ୍ବଳର ଦକ୍ଷତା ବିକାଶ ସମ୍ଭବ ହୋଇପାରିଛି। ସେହିପରି ନୂଆ ଉତ୍ପାଦ ଏବଂ ଲୋକାଲାଇଜେଶନ୍ ପ୍ରୟାସ ସଫଳ ହୋଇପାରିଛି। ବିକ୍ରୟ ଏବଂ ସେବା ସମ୍ବନ୍ଧୀୟ ପ୍ରଶ୍ନ ଗୁଡିକର ସମାଧାନ ପାଇଁ ସାନୀ ଇଣ୍ଡିଆ ପକ୍ଷରୁ ଶୁଳ୍କମୁକ୍ତ ନମ୍ବର ୧୮୦୦୨୦୯୩୩୭ ଜାରି କରାଯାଇଛି। ଅଧିକ ବିବରଣୀ ପାଇଁ www.sany.in ରେ ଯୋଗାଯୋଗ କରିପାରିବେ।

# କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ପତ୍ର : ଏଲ୍‌ଏଚ୍‌ବି କୋଚ୍‌ରେ ପରିଣତ କରାଯାଉ : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର: ରାଜଧାନୀ ଏକ୍ସପ୍ରେସ ଭଳି ପୁରୀ- ହାଟିଆ-ପୁରୀ ତପସ୍ୱିନୀ ଏକ୍ସପ୍ରେସକୁ ଲିଙ୍କ୍ ହଫମେନ୍ ବୁଶ (ଏଲଏଚବି) କୋଚରେ ପରିଣତ କରିବା ପାଇଁ ବ୍ୟକ୍ତିଗତ ହସ୍ତକ୍ଷେପ କରିବାକୁ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ନିକଟରେ ଓଡ଼ିଶା ଗସ୍ତରେ ସେ ଭୁବନେଶ୍ୱରରୁ ରେଢ଼ାଖୋଲ ପର୍ଯ୍ୟନ୍ତ ପୁରୀ-ହାଟିଆ-ପୁରୀ ତପସ୍ୱିନୀ ଏକ୍ସପ୍ରେସରେ ଯାତ୍ରା କରିଥିଲେ ଏବଂ ଏହି ସମୟରେ ଅନେକ ସହଯାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏହି ଆଲୋଚନା କାଳରେ ଯାତ୍ରୀମାନେ ଏହି ଟ୍ରେନରେ ଏଲ୍‌ଏଚ୍‌ବି କୋଚ ଆରମ୍ଭ କରିବା ପାଇଁ ଦୀର୍ଘ ଦିନର ଦାବୀ ଥିବା ଜଣାଇଥିଲେ। ପ୍ରକାଶ ଥାଉ କି, ଗାନ୍ଧୀ ଜୟନ୍ତୀରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଟ୍ରେନ୍ ଯୋଗେ ସମ୍ବଲପୁର ରେଢାଖୋଲ ଗସ୍ତ କରି ସେଠାରେ ସେ ସନ୍ଥକବି ଭୀମ ଭୋଇଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଦେଇଥିଲେ ଏବଂ ପରେ ଅନୁଗୁଳ ବାମୁର ଗସ୍ତ କରି 'ଗାନ୍ଧୀ ପଦଯାତ୍ରା'ରେ ସାମଲ ହୋଇଥିଲେ। କେନ୍ଦ୍ରମନ୍ତ୍ରୀ ପତ୍ରରେ ଆହୁରି ଉଲ୍ଲେଖ କରିଛନ୍ତି ଯେ ଉନ୍ନବିଂଶ ଶତାବ୍ଦୀରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ରଚିତ ଲୋକପ୍ରିୟ ମହାକାବ୍ୟ ତପସ୍ୱିନୀ ନାମରେ ଏହି ଟ୍ରେନକୁ ନାମିତ କରାଯାଇଥିଲା। ଏହି ଟ୍ରେନ୍ ୧୯୯୬ ମସିହାରୁ ପୁରୀ, ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, କଟକ, ଢେଙ୍କାନାଳ, ତାଳଚେର, ଅନୁଗୋଳ, ରେଢ଼ାଖୋଲ, ସମ୍ବଲପୁର, ଝାରସୁଗୁଡ଼ା, ରାଜଗାଙ୍ଗପୁର, ରାଉରକେଲା, ନୂଆଗାଁ ଏବଂ ହାଟିଆ ଦେଇ ଓଡ଼ିଶା ଏବଂ ଝାଡ଼ଖଣ୍ଡକୁ ସଂଯୋଗ କରୁଥିବା ବେଳେ ଏଥିରେ ଅଧିକ ଯାତ୍ରୀ ଦୂର ବାଟ ଯାତ୍ରା କରୁଛନ୍ତି। ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି ଯେ, ନିକଟରେ ନୂଆ ଅତ୍ୟାଧୁନିକ ଏଲଏଚବି ରେକ୍ ସହ ଭୁବନେଶ୍ୱର-ଜଗଦଲପୁର-ଭୁବେନଶ୍ୱର ସ୍ୱତନ୍ତ୍ର ହୀରାଖଣ୍ଡ ଏକ୍ସେପ୍ରସକୁ ଉଭୟଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଛି। ଏଲ୍‌ଏଚ୍‌ବି ରେକରେ ଆରାମଦାୟକ ଯାତ୍ରା ପାଇଁ ଅଧିକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏହି କୋଚ୍ ଅଧିକ ଯାତ୍ରୀ ବସିବା କ୍ଷମତା ବିଶିଷ୍ଟ ଏବଂ ଏଥିରେ କମ୍ ଶବ୍ଦ ସହ ଉଚ୍ଚ କ୍ଷମତା ସମ୍ପନ୍ନ କୁଲିଂ ସୁବିଧା ଭଳି ଆନୁସଙ୍ଗିକ ଅତ୍ୟାଧୁନିକ ବ୍ୟବସ୍ଥା ରହିଛି। ତପସ୍ୱିନୀ ଏକ୍ସପ୍ରେସରେ ଏଚଏଚବି କୋଚ୍ ଆରମ୍ଭ କରାଗଲେ ଯାତ୍ରୀମାନେ ସୁରକ୍ଷିତ ଭାବରେ ଆରାମଦାୟକ ଯାତ୍ରା କରିପାରିବେ। ତେଣୁ ଯାତ୍ରୀଙ୍କ ସୁରକ୍ଷା, ସୁବିଧା ତଥା କଲ୍ୟାଣକୁ ଦୃଷ୍ଟି ରଖି ପୁରୀ-ହାଟିଆ-ପୁରୀ ତପସ୍ୱିନୀ ଏକ୍ସପ୍ରେସକୁ ଏଲଏଚବି ରେକରେ ପରିଣତ କରିବା ପାଇଁ ବ୍ୟକ୍ତିଗତ ହସ୍ତକ୍ଷେପ କରିବାକୁ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି।

# ରେଳ କର୍ମଚାରୀଙ୍କ ପାଇଁ ଉତ୍ପାଦକତା ଲିଙ୍କ୍ ବୋନସ୍

ଭୁବନେଶ୍ୱର: କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଆରପିଏଫ୍ / ଆରପିଏସ୍‌ଏଫ୍ କର୍ମଚାରୀଙ୍କୁ ବାଦ ଦେଇ ସମସ୍ତ ଯୋଗ୍ୟ ଅଣ-ଗେଜେଟେଡ୍ ରେଳ କର୍ମଚାରୀଙ୍କୁ ଉତ୍ପାଦକତା ଲିଙ୍କ୍ ବୋନସ୍ (ପ୍ରଡକ୍ଟିଭିଟି ଲିଙ୍କ୍ ବୋନସ୍ ପିଏଲବି) ପାଉଣା କରିବାକୁ ଅନୁମୋଦନ କରାଯାଇଛି। ଆର୍ଥିକ ବର୍ଷ ୨୦୨୦-୨୧ ପାଇଁ ଏହା ୭୮ ଦିନର ମଜୁରୀ ସହିତ ସମାନ ହେବ। ଆରପିଏଫ୍ କର୍ମଚାରୀଙ୍କୁ ବାଦ ଦେଇ ପ୍ରାୟ ୧୧.୫୬ ଲକ୍ଷ ଅଣ-ଗେଜେଟେଡ୍ ରେଳ କର୍ମଚାରୀ ଏହି ଉତ୍ପାଦକତା ଲିଙ୍କ୍ ବୋନସ୍ ଦ୍ୱାରା ହିତାଧିକାରୀ ହେବେ। ଯୋଗ୍ୟ ରେଳ କର୍ମଚାରୀଙ୍କ ପାଇଁ ୭୮ ଦିନ ପାଇଁ ସର୍ବାଧିକ ଦେୟ ହେଉଛି ୧୭,୯୫୧/- ଟଙ୍କା। ଏହି ଉତ୍ପାଦନ ଲିଙ୍କଡ୍ ବୋନସ୍ ସମସ୍ତ ରେଳ କର୍ମଚାରୀ ଯଥା ଟ୍ରାକ ମେଂଟେନର, ଡ୍ରାଇଭର ଓ ଗାର୍ଡ, ଷ୍ଟେସନ ମାଷ୍ଟର, ସୁପରଭାଇଜର, ଟେକ୍ନିସିଆନ, ଟେକ୍ନିସିଆନ ହେଲପର, କଂଟ୍ରୋଲର (ନିୟନ୍ତ୍ରକ), ପଏଂଟମ୍ୟାନ୍, କିରାଣୀ ଓ ଅନ୍ୟ ସମସ୍ତ ତୃତୀୟ ଶ୍ରେଣୀ କର୍ମଚାରୀଙ୍କୁ ପ୍ରଦାନ କରାଯିବ। ରେଳ କର୍ମଚାରୀଙ୍କ ପାଇଁ ୭୮ ଦିନ ପିଏଲବି ପାଇଁ ପ୍ରାୟ ୧୯୮୪.୭୩ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। କୋଭିଡ -୧୯ ପ୍ରତିକୂଳ ପରିସ୍ଥିତିର ଆର୍ଥିକ ସମସ୍ୟା ସତ୍ତ୍ୱେ ଏହି ପିଏଲବି ଦେୟ ପାଇଁ ଉପରୋକ୍ତ ନିଷ୍ପତି ନିଆଯାଇଛି। ନିର୍ଦ୍ଦିଷ୍ଟ ଫର୍ମୁଲା ଆଧାରରେ କାର୍ଯ୍ୟ କରାଯାଇଥିବା କାର୍ଯ୍ୟ ଦିବସ ଅପେକ୍ଷା ପିଏଲବି କାର୍ଯ୍ୟ ଦିବସ ଦିଆଯାଉଥିବା ପ୍ରକୃତ ସଂଖ୍ୟା ଅଧିକ ଅଟେ। ରେଳବାଇର କାର୍ଯ୍ୟରେ ଉନ୍ନତି ଆଣିବା ପାଇଁ ରେଳ କର୍ମଚାରୀଙ୍କୁ ଉତ୍ସାହିତ କରିବା ପାଇଁ ପିଏଲବି ଦେୟ ଏକ ପ୍ରୋତ୍ସାହନ ଭାବରେ କାର୍ଯ୍ୟ କରିଥାଏ।

# ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ଟିପିସିଓଡିଏଲ୍‌ର ବିରୋଧରେ ବିକ୍ଷୋଭ ଓ ଆନ୍ଦୋଳନ



ଭୁବନେଶ୍ୱର : ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ଶ୍ରୀ ବିଶ୍ୱଜିତ ଦାଶଙ୍କ ଆହ୍ୱାନରେ ଟିପିସିଓଡିଏଲ୍‌ର ବିରୋଧରେ ଗଣ ଆନ୍ଦୋଳନ ଆଜି ସ୍ଥାନୀୟ ଫୁଲନଖରା ଛକ ନିକଟସ୍ଥ ସବଡିଭିଜନ କାର୍ଯ୍ୟାଳୟ ଠାରେ କରାଯାଇଥିଲା। କଂଗ୍ରେସ ତରଫରୁ ଜନହିତକର ଦାବିଗୁଡ଼ିକୁ ନେଇ ଏହି ଗଣଆନ୍ଦୋଳନ କରାଯାଇଥିଲା। କୋଭିଡ ସମୟରେ ଲୋକମାନଙ୍କର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଥିବା ସମୟରେ ଦେଢ଼ ବର୍ଷ ଆଦାୟ ହୋଇନଥିବା ବିଦ୍ୟୁତ ବିଲ୍‌କୁ ଜୋର ଜବରଦସ୍ତ ଆଦାୟ କରୁଥିବାରୁ ଭୁବନେଶ୍ୱର ଜିଲ୍ଲାର ତିନିନମ୍ବର ଜୋନର ସଭାପତି ବ୍ରହ୍ମାନନ୍ଦ ସାହୁ ଓ ଦୁଇ ନମ୍ବର ବ୍ଲକ ସଭାପତି ଶ୍ରୀ ଅଶୋକ ଦାସଙ୍କ ନେତୃତ୍ୱରେ ଆଜି ଏ ଧାରଣା କାର୍ଯ୍ୟକମ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ବରିଷ୍ଠ କଂଗ୍ରେସ ନେତା ତଥା ପିସିସି ଉପସଭାପତି ଶିବାନନ୍ଦ ରାୟ, କଟକ ଜିଲ୍ଲା କଂଗ୍ରେସ ସଭାପତି ମାନସ ଚୌଧୁରୀ, ପୂର୍ବତନ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ମନୋରଂଜନ ଦାଶ, ସୁବ୍ରତ ମହାପାତ୍ର, ମିହିର ଆଚାର୍ଯ୍ୟ, ଆତ୍ମାରାମ ପତି ପ୍ରମୁଖ ଉଦବୋଧନ ଦେଇ କହିଥିଲେ ଯେ ଟାଟା କମ୍ପାନୀ ଆଉ ବିଜୁଜନତା ଦଳର ମୁଖ୍ୟ ନବୀନ ପଟ୍ଟନାୟକଙ୍କ ମଧ୍ୟରେ ମଧୁଚନ୍ଦ୍ରିକାରେ ଯେଉଁ ଖେଳ ଚାଲିଛି ତାହାର ଫାଇଦା ନେଇ ଟାଟା କମ୍ପାନୀ ଓଡ଼ିଶାବାସୀଙ୍କୁ ଶୋଷଣ କରୁଛି। ତାକୁ ଆଉ ବରଦାସ୍ତ କରାଯିବନି। ଟାଟା କମ୍ପାନୀ ବିରୋଧରେ ଗଳି କନ୍ଦିରେ ଆନ୍ଦୋଳନ କରାଯିବା ସହ ଟାଟା କମ୍ପାନୀର ମନୋମୁଖୀ କାର୍ଯ୍ୟକ୍ରମ ବିରୋଧରେ ସମସ୍ତ କଂଗ୍ରେସ କର୍ମୀ ଲଢ଼େଇ କରିବେ ଏବଂ ଟାଟା କମ୍ପାନୀ ପୁରୁଣା ମିଟର ଥିବାରୁ ତାଙ୍କ ନୂଆ ମିଟର ବସେଇବାର ଆବଶ୍ୟକତା କୁ ନିନ୍ଦା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୁବ୍ରତ ମହାପାତ୍ର, ଶ୍ରୀଧର ବଳିଆର ସିଂ, ମିହିର ଆଚାର୍ଯ୍ୟ, ସମରେନ୍ଦ୍ର ହାତୀ ପ୍ରମୁଖ ଯୋଗଦେଇ ବିଜୁଜନତା ଦଳ ନବୀନ ସରକାରଙ୍କ ପ୍ରତି କଟୁ ସମାଲୋଚନା କରି ଏତାଦୃଶ କାର୍ଯ୍ୟ ପାଇଁ ତୀବ୍ର ନିନ୍ଦା କରିବା ସହ ଏହା ୫୦୦ କୋଟି ଟଙ୍କାର ଦୁର୍ନୀତି ବୋଲି କହିଥିଲେ। ସର୍ବଶେଷରେ ଏକ ପ୍ରତିନିଧି ମଣ୍ଡଳୀ ଟିପିସିଓଡିଏଲ ମୁଖ୍ୟଙ୍କ ଉଦ୍ଦେଶ୍ୟରେ କନିଷ୍ଠ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ପେଟ୍ରୋଲ, ଡ଼ିଜେଲକୁ ଜିଏସ୍‌ଟି ଅନ୍ତର୍ଭୁକ୍ତ କରିବାକୁ ସମାଜବାଦୀ ପାର୍ଟିର ଦାବି

ଭୁବନେଶ୍ୱର: ପୁଣି ଥରେ ପେଟ୍ରୋଲ ୩୦ ପଇସା ମହାଙ୍ଗା ହୋଇଥିବା ବେଳେ ଡ଼ିଜେଲ ୩୫ ପାଇସା ମହଙ୍ଗା ହୋଇଛି। ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ଆଜି ୧୦୩ ଟଙ୍କା ୮୩ ପଇସାରେ ପହଂଚି ଥିଲାବେଳେ ଡ଼ିଜେଲ ୯୯ ଟଙ୍କା ୭୨ ପଇସାରେ ପହଂଚିଛି। ସେହିପରି ଅଣ ସବ୍‌ସିଡ୍‌ଯୁକ୍ତ ରନ୍ଧନ ଗ୍ୟାସ୍‌ର ସିଲିଣ୍ଡର ପିଛା ଦାମ୍ ମଧ ୧୫ ଟଙ୍କା ବୃଦ୍ଧି ହୋଇ ଭୁବନେଶ୍ୱରରେ ୯୨୬ରେ ପହଂଚିଛି। କରୋନା ସଂକ୍ରମଣରେ ଭାରତବର୍ଷର ୧୫ ଲକ୍ଷ ଲୋକ ଜୀବିକା ହରାଇ ଥିବାବେଳେ ବନ୍ୟା, ବାତ୍ୟା, ମରୁଡ଼ି ଯୋଗୁ ଚାଷୀମାନଙ୍କର ଚାଷବାସ ଉଜୁଡ଼ି ଯାଇଥିବା ବେଳେ ମୋଦି ସରକାରଙ୍କ ପେଟ୍ରୋଲ, ଡ଼ିଜେଲ ଓ ରନ୍ଧନ ଗ୍ୟାସ୍‌ର ମୂଲ୍ୟ ବୃଦ୍ଧି ମହାଳୟା ଭେଟି ବୋଲି ସମାଜବାଦୀ ପାର୍ଟି ପକ୍ଷରୁ କୁହାଯାଇଛି। ପାର୍ଟିର ରାଜ୍ୟ କମିଟି ସଭାପତି ରବି ବେହେରା ଏକ ପ୍ରେସ୍ ବିବୃତିରେ କହିଛନ୍ତି ଯେ, ଦରଦାମ ବୃଦ୍ଧି ଓ ବେକାରୀ ସମସ୍ୟା ବିଜେପି ଓ ଏନ୍‌ଡ଼ିଏ ସରକାରଙ୍କ ପାଇଁ ଆଗାମୀ ଦିନରେ କବର ଖୋଳିବ। ସମସ୍ତ ବାମ ଗଣତାନ୍ତ୍ରିକ ରାଜନୈତିକ ଦଳ ଓ ଶକ୍ତିସମୂହ ଏକାଠି ହୋଇ ସରକାରଙ୍କ ମନୋମୁଖୀ ଦରଦାମ ବୃଦ୍ଧି, ବେକାରୀ ବିରୋଧି ପଦକ୍ଷେପ ଏବଂ କୃଷକମାନଙ୍କ ଦାବି ପ୍ରତି ଅଣଦେଖା ବିରୁଦ୍ଧରେ ଦୁର୍ବାର ଗଣଆନ୍ଦୋଳନ ଗଢିତୋଳିବା ପାଇଁ ସମାଜବାଦୀ ପାର୍ଟି ପକ୍ଷରୁ ବିନମ୍ର ନିବେଦନ କରାଯାଇଛି। ମୁଦ୍ରାସ୍ଫିତି, ଅତ୍ୟାବଶ୍ୟକ ସାମଗ୍ରୀର ଆକାଶଛୁଆଁ ଦର ବୃଦ୍ଧି ଓ ପେଟ୍ରୋଲ, ଡ଼ିଜେଲ ଓ ରନ୍ଧନଗ୍ୟାସର କ୍ରମାଗତ ମୂଲ୍ୟ ବୃଦ୍ଧି ଦେଶର ୪୫କୋଟି ପରିବାର ପାଇଁ ଆହ୍ୱାନ ସୃଷ୍ଟି କରିଛି। କେନ୍ଦ୍ର ସରକାର ତୁରନ୍ତ ଏହି ଦର ବୃଦ୍ଧିକୁ ନିୟନ୍ତ୍ରଣକୁ ନ ଆଣିଲେ ତେଲ ଉପରୁ ଉତ୍ପାଦନ ଶୁଳ୍କ କମାଇବା ପାଇଁ ଓ ରାଜ୍ୟ ସରକାରମାନେ ଭାଟ୍ କମାଇବା ପାଇଁ ଶ୍ରୀ ବେହେରା ଆହ୍ୱାନ ଦେଇଛନ୍ତି।

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେ< କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ)

ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍କ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ

ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେ୍‌ଟସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

# ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି। 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି। ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି। ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି। ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ। ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ। ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ। ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ। ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ। ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ। ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୁଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ। ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ। ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ।

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବôକ୍ଷସ୍ପ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇôକ୍ଷସ୍ପ;ରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।




# କଂଗ୍ରେସ ପକ୍ଷରୁ ଯୋଗୀ ଏବଂ ମୋଦିଙ୍କ କୁଶ ପୁତ୍ତଳିକା ଦାହ



ଭୁବନେଶ୍ୱର (ପିଏନ୍): ଗତ ରବିବାର ଉତ୍ତରପ୍ରଦେଶର ଲକ୍ଷ୍ମୀପୁର ଖେରି ଜିଲ୍ଲାରେ ଶାଂିପୂର୍ଣ୍ଣ ଭାବରେ କଳାପତାକା ଧରି ପ୍ରତିବାଦ କରୁଥିବା କୃଷକମାନଙ୍କୁ ଯେଉଁଭଳି ଭାବରେ ଭାରତୀୟ ଜନତା ପାର୍ଟିର କେନ୍ଦ୍ର ରାଜ୍ୟ ଗୃହମନ୍ତ୍ରୀଙ୍କ ପୁଅ ଏବଂ ବିଜେପି ଦଳର ନେତୃବର୍ଗ କୃଷକମାନଙ୍କୁ ଯେଉଁଭଳି ଭାବରେ ତାଙ୍କ ଥରଜିପ୍ ଏବଂ ଫର୍ଚୁନର ଗାଡ଼ି ଚଢାଇ ମାରିଦେଲେ ଏବଂ ସର୍ବଭାରତୀୟ ଜାତୀୟ କଂଗ୍ରେସର ସାଧାରଣ ସମ୍ପାଦିକା ଶ୍ରୀମତୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ଲକ୍ଷ୍ନୌ ବିମାନ ବନ୍ଦରରେ ଉତ୍ତରପ୍ରଦେଶ ପୋଲିସ୍ ଅତି ଅନ୍ୟାୟ ଉପାୟରେ ତାଙ୍କୁ ବିନା କୌଣସି ଏଫ୍ଆଇଆର ବା ଆରେଷ୍ଟ ୱାରେଣ୍ଟ ଯେଉଁଭଳି ଭାବରେ ତାଙ୍କ ପ୍ରତି ଓ ଲୋକସଭାର ସାଂସଦ ଶ୍ରୀ ଦୀପେନ୍ଦ୍ର ସିଂ ହୋଡ଼ାଙ୍କୁ ଜବରଦସ୍ତ ଓ ବଳ ପ୍ରୟୋଗ କରି ତାଙ୍କୁ ପୋଲିସ୍ ଏକ ଗେଷ୍ଟହାଉସରେ ରଖିଲା ଏବଂ ଦୀର୍ଘ ୩୦ ଘଣ୍ଟା ପରେ ତାଙ୍କୁ ଗିରଫ କରାଗଲା, ତାର ପ୍ରତିବାଦରେ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସର ନେତୃବର୍ଗ ମାଷ୍ଟରକ୍ୟାଣ୍ଟିନ ଛକଠାରେ ଏକ ବିକ୍ଷୋଭ କରିବା ସହିତ ଉଭୟ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଗୃହମନ୍ତ୍ରୀ ଅମିତ ଶାହାଙ୍କ କୁଶ ପୁତ୍ତଳିକା ଦାହ କରିବା ସହିତ ଏହି ଅନ୍ୟାୟ ଓ ଅଗଣତାନ୍ତ୍ରିକ ଉପାୟରେ ଶ୍ରୀମତୀ ଗାନ୍ଧୀ ଓ କଂଗ୍ରେସ ନେତୃବର୍ଗଙ୍କ ଉପରେ କରାଯାଇଥିବା ବଳପ୍ରୟୋଗକୁ ଦୃଢ ଭାବରେ ନିନ୍ଦା କରିଥିଲେ। ଭାରତବର୍ଷରେ ଏକ ମାନବ ରକ୍ତର ହୋରି ଖେଳୁଥିବା ସରକାର ଆଜି ଶାସନ କରୁଛି। ଶାଂିପୂର୍ଣ୍ଣ ଢଙ୍ଗରେ କୃଷକମାନଙ୍କୁ ନିଜେ କେନ୍ଦ୍ର ରାଜ୍ୟ ଗୃହମନ୍ତ୍ରୀଙ୍କ ପୁଅ ନିଜ ଗାଡ଼ି ଚଢାଇ ମାରି ଦେଉଥିବା ବେଳେ ତାଙ୍କ ବିରୁଦ୍ଧରେ ଏପର୍ଯ୍ୟ‘ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। କିଂୁ ଅପର ପକ୍ଷରେ ଆଇନକୁ ସମ୍ମାନ ଦେଇ ପୀଡ଼ିତ ପରିବାରଙ୍କ ପାଖରେ ପହଞ୍ଚି ତାଙ୍କୁ ଦୁଃଖ ସମୟରେ ସମବେଦନା ଜଣାଇବା ପାଇଁ କଂଗ୍ରେସ ନେତୃବର୍ଗ ଯାଉଥିବା ବେଳେ ତାଙ୍କୁ ବଳ ପ୍ରୟୋଗ ଆକ୍ରମଣ ଏବଂ ଗିରଫ ଖୁବ୍ ମହଙ୍ଗା ପଡ଼ିବ ବୋଲି ରାଜ୍ୟ କଂଗ୍ରେସର ବରିଷ୍ଠ ନେତୃବର୍ଗମାନେ ବର୍ଷିଛ‘। ଖାଲି ସେତିକି ନୁହେଁ, ଆସ‘। ଦିନରେ ଭାରତୀୟ ଜନତା ପାର୍ଟିର ଏହି କୁକର୍ମ ଓ ଆଇନ୍‌କୁ ଦଳି ଚକଟି ଦେବାର ପରିଣାମ ଭୋଗ କରିବାକୁ ପଡ଼ିବ। ଏହି ବିକ୍ଷୋଭରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି, ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଶ୍ରୀ ଯୋଗୀ ଓ ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହାଙ୍କୁ କୁଶ ପୁତ୍ତଳିକା ଦାହ କରାଗଲା। ପ୍ରଦେଶ କଂଗ୍ରେସ ସାରା ରାଜ୍ୟରେ ପ୍ରତ୍ୟେକ ଗ୍ରାମାଞ୍ଚଳକୁ ଭାରତୀୟ ଜନତା ପାର୍ଟିର ଏହି ହିଟଲରୀ ଶାସନ ବ୍ୟବସ୍ଥା ତଥା ଗଣହତ୍ୟାକୁ ନେଇ ଲୋକମାନଙ୍କୁ ସଚେତନ କରାଇବ ଏବଂ ଆସ‘। ଦିନରେ ଭାରତୀୟ ଜନତା ପାର୍ଟିର ପ୍ରତ୍ୟେକ ନେତୃବର୍ଗଙ୍କୁ ଓଡ଼ିଶାରେ ମୁହଁତୋଡ଼ ଜବାବ ଦିଆଯିବ। ଏହି ପ୍ରତିବାଦ ସଭାରେ ପ୍ରଦେଶ କଂଗ୍ରେସର କାର୍ଯ୍ୟକାରୀ ସଭାପତି ଶ୍ରୀ ଚିରୀବ ବିଶ୍ୱାଳ, ରାଜ୍ୟସଭା ସାଂସଦ ଶ୍ରୀମତୀ ରଜନୀ ପାଟିଲ, ବରିଷ୍ଠ କଂଗ୍ରେସ ନେତା ଶ୍ରୀ ଜୟଦେବ ଜେନା, ବିଧାୟକ ସୁରେଶ କୁମାର ରାଉତରାୟ, ଶରତ ରାଉତ, ଗଣେଶ୍ୱର ବେହେରା, ଶିବାନନ୍ଦ ରାୟ, ସୁରେଶ ମହାପାତ୍ର, ବିଜୟଲକ୍ଷ୍ମୀ ସାହୁ, ମହିଳା କଂଗ୍ରେସ ସଭାପତି ବିଜୟଲକ୍ଷ୍ମୀ ପରିଡ଼ା, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାସ, ପ୍ରଦେଶ କଂଗ୍ରେସର ସାଧାରଣ ସମ୍ପାଦକ ଜାନକୀବଲ୍ଲଭ ପଟ୍ଟନାୟକ, ମନୋରଂଜନ ଦାସ, କିଶୋର ଜେନା, ଚିନ୍ମୟ ସୁନ୍ଦର ଦାସ, ରଜନୀ ମହାନ୍ତି, ଛାତ୍ର କଂଗ୍ରେସ ସଭାପତି ୟାସୀ ନୱାଜ, ଛାତ୍ର କଂଗ୍ରେସ ଓଡ଼ିଶା ଦାୟିତ୍ୱରେ ଥିବା ସାଧାରଣ ସମ୍ପାଦକ ଅନୁଲେଖା ଭୁଷା, ସୁରେନ୍ଦ୍ର ନାଥ କର, ହଳଧର ସେଠୀ, ରଶ୍ମି ମହାପାତ୍ର, ଅମୀୟ ପଟ୍ଟନାୟକ, ବାଙ୍କନିଧି ବେହେରା, ପଦ୍ମାକର ଗୁରୁ, ଅଭିଶେକ ମହାନନ୍ଦ, ଅଭିଶେକ ମହାନନ୍ଦ, ସ୍ୱାଧୀନବାଳା ଦାସ, ନିରୁପମା ପାତ୍ର, ପ୍ରକାଶ ମିଶ୍ର, ଗୀତାଳୀ ମହା‘, ତାପସ ସେଠୀ, ସୁବ୍ରତ ମହାପାତ୍ର, ଜୟ‘ ଭୋଇ, ବଟକୃଷ୍ଣ ରାଉତରାୟ, ଦେବୀ ପ୍ରସାଦ ବାହାଲିଆ, ଚୈତାଳି ପଟ୍ଟନାୟକ, ଶ୍ରୀୟାସ୍ମିତା ପଣ୍ଡା, ମୁଶ୍ରୀ ରାଉତରାୟ, ପ୍ରଭାବତୀ ପଟ୍ଟନାୟକ, ସୁବାସ ପ୍ରଧାନ, ଲିଙ୍ଗରାଜ ସାହୁ, କୈଳାସ ସାହୁ, ସ୍ୱାଗତ କର, ନଳିନିକା‘ ନାୟକ, ଆତ୍ମାରାମ ପତି, ସାଗର ପରିଡ଼ା, ମନୋଜ ମହାପାତ୍ର, ରାଜକିଶୋର ବାରିକ, ବିଶ୍ୱରନ ମହାପାତ୍ର, ସୀବ ମହା‘, ଅନ୍ନପୂର୍ଣ୍ଣା ସାହୁ, କନକଲତା ମଲ୍ଲିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଚିତ୍ରକଳା ପ୍ରଦର୍ଶନୀ ‘ଦ ଡ଼ଷ୍ଟବିନ୍’ ଉଦ୍‌ଘାଟିତ




ଭୁବନେଶ୍ୱର (ପିଏନ୍): ବୟସ ମାତ୍ର ୭। ଚପଳ ବୟସରେ ପାଦ ଥାପିଥିଲେ ବି ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିରାଟ। ସେହି କଅଁଳ ମନରେ ରହିଛି ପରିବେଶ ସୁରକ୍ଷାର ଚିନ୍ତା। ନିଜର ମନର କଥାକୁ ଚିତ୍ର ମାଧ୍ୟମରେ ଆଙ୍କି ମନ ଜିଣିଛି କଅଁଳ ବାଳକ ଶାନ୍ତନୁ ଶାନ୍ତିସ୍ୱରୂପ। ଜାତୀୟତାର ମହାନ୍ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ହୋଇ ଅକ୍ଟୋବର ୨ ତାରିଖ ଗାନ୍ଧି ଜୟନ୍ତୀ ଅବସରରେ ସ୍ୱଚ୍ଛତାକୁ ନେଇ ରଙ୍ଗ, ତୂଳୀରେ ବିଭିନ୍ନ ଚିତ୍ରମାନ ନିଖୁଣ ରୂପେ ଆଙ୍କି ଜନସାଧାରଣଙ୍କୁ ସଚେତନତା ଉଦ୍ଦେଶ୍ୟରେ ବଳିଷ୍ଠ ବାର୍ତ୍ତା ଦେଇଛନ୍ତି। ଚିତ୍ରକଳା ଗୁଡ଼ିକ ଗ୍ରୀନ୍‌ୱାଲ୍‌ରେ ପ୍ରଦର୍ଶିତ ବି କରାଇଛନ୍ତି। ପ୍ରଦର୍ଶନୀଟିର ନାମ ‘ଦ ଡଷ୍ଟବିନ୍’ ବୋଲି ନାମିତ କରିଛନ୍ତି। ଏ ସମ୍ପର୍କରେ ସେ କୁହନ୍ତି ଘର, ହୋଟେଲ, ଅଫିସ୍, ପାର୍କ ଆଦି ସ୍ଥାନମାନଙ୍କରେ ଡଷ୍ଟବିନ୍‌ର ବ୍ୟବହାର ନିତାନ୍ତ ଜରୁରୀ। ଅଳିଆ ଏଣେତେଣେ ନ ପକାଇ ଡ଼ଷ୍ଟବିନ୍‌ରେ ପକାଇବା ପାଇଁ ସେ ଜନସାଧାରଣଙ୍କୁ ଏ ପରିପ୍ରେକ୍ଷୀରେ ନିବେଦନ କରିଛନ୍ତି। ତେବେ ଯାଇ ଆମେ ଏକ ସ୍ୱଚ୍ଛ ଓ ସୁସ୍ଥ ଭାରତ ଗଠନ କରିପାରିବାରେ ସହାୟକ ହୋଇପାରିବା ବୋଲି ସେ କୁହନ୍ତି। ପ୍ରଦର୍ଶନୀରେ ଥିବା ପ୍ରତ୍ୟେକ ଚିତ୍ରରେ ରହିଛି ମନଛୁଆଁ ସ୍ଲୋଗାନ୍ ଯଥା-ୟୁଜ୍ ଡ଼ଷ୍ଟବିନ୍, ଗ୍ରୀନ୍‌ସିଟି-କ୍ଲିନ୍‌ସିଟି-ମାଇଁ ଡ୍ରିମ୍‌ସିଟି, ବି କ୍ଲିନ୍-ବି ହେଲ୍‌ଦି, ବ୍ରେକ୍ ଦ ଜର୍ମ ସାଇକେଲ୍, କ୍ଲିନ୍‌ନେସ୍ ଷ୍ଟାର୍ଟସ୍ ଫ୍ରମ୍ ହୋମ୍, ହାଇଜିନ୍ ଇଜ୍ ଇନ୍ ଇୟୋର ହ୍ୟାଣ୍ଡ, ଥିଙ୍କ୍ କ୍ଲିନ୍ ଆଣ୍ଡ୍ ୟୁଜ୍ ଡ଼ଷ୍ଟବିନ୍, ରିୟୁଜ୍-ରିଡ୍ୟୁସ୍-ରିସାଇକେଲ୍ ପରି ଅନେକ ବାର୍ତ୍ତା। ସୂଚନାଯୋଗ୍ୟ, ପୋଖରୀପୁଟ ଇନ୍ଦ୍ରପ୍ରସ୍ଥ କଲୋନୀ ଫେଜ୍-୨ଠାରେ ରହୁଛନ୍ତି ପରିବେଶବିତ୍ ସୁଶାନ୍ତ ସାହୁ। ବାପାଙ୍କ ପଦାନୁସରଣ କରିବା ସହ ମାଆ ଅନସୂୟାଙ୍କ ମାର୍ଗଦର୍ଶନରେ ପୁଅ ଶାନ୍ତନୁ ପରିବେଶ ସୁରକ୍ଷା ପାଇଁ କଅଁଳ ବୟସରେ ତୂଳୀ ଧରିବା ଶିଖିଛି। ବର୍ତ୍ତମାନ ସେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅରିଶଳର ଦ୍ୱିତୀୟ ଶ୍ରେଣୀର ଛାତ୍ର। ଚିତ୍ରକଳା ପ୍ରଦର୍ଶନୀଟିକୁ ଭର୍ଚୁଆଲ ମାଧ୍ୟମରେ ଓଡ଼ିଶା ଲଳିତକଳା ଏକାଡ଼େମୀ ସଚିବ ପଞ୍ଚାନନ ସାମଲ ଆନୁଷ୍ଠାନିକ ରୂପେ ଉଦ୍‌ଘାଟନ କରିଥିଲେ। ଚିତ୍ରଗୁଡ଼ିକ ଉଚ୍ଚକୋଟୀର, ସମୟୋପଯୋଗୀ ଓ ଶିକ୍ଷଣୀୟ ବୋଲି ଶ୍ରୀ ସାମଲ ପ୍ରଶଂସା କରିବା ସହ ଶାନ୍ତନୁଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଶାନ୍ତନୁଙ୍କ ଚିତ୍ର ପ୍ରଦର୍ଶନୀ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସିତ ହୋଇଛି।

# ପେଟ୍ରୋଲ ଓ ଡ଼ିଜେଲ ଦରବୃଦ୍ଧିକୁ ନେଇ ଅସନ୍ତୋଷ

ଖଣ୍ଡପଡା (ପିଏନ୍) ଜାଳେଣୀ ଗ୍ୟାସ, ପେଟ୍ରୋଲ, ଡ଼ିଜେଲର ଦରବୃଦ୍ଧିକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ପୁନର୍ବାର ପେଟ୍ରୋଲ ଓ ଡ଼ିଜେଲର ଦରବୃଦ୍ଧିକୁ ନେଇ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଛି । କରୋନା କାଳରେ କାମଧନ୍ଦାର ଅଭାବ ଯୋଗୁଁ ହଜାର ହଜାର ଜନସାଧାରଣ ଜୀବିକା ହରାଇ ଘରେ ହାତବାନ୍ଧି ବସିଥିବା ବେଳେ ଏହି ସମୟରେ ଦରଦାମ ନିୟନ୍ତ୍ରଣ ପାଇଁ ସରକାର ଦୃଷ୍ଟି ନଦେବା ପରିତାପର ବିଷୟ । ସର୍ବସାଧାରଣଙ୍କ ହିତକୁ ଦୃଷ୍ଟିରେ ରଖି କେନ୍ଦ୍ର ଓ ରାଜ୍ୟ ସରକାର ଅତ୍ୟାବଶ୍ୟକ ସାମଗ୍ରୀ ଗୁଡିକର ଦରଦାମ ହ୍ରାସ ପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବି ମହଲରୁ ଦାବି ହେଉଛି ।

# ବ୍ରାଭୋ ପ୍ରଦୀପ ! ବ୍ରାଭୋ !



୧୯୯୩ ମସିହାର କଥା। ପ୍ରଦୀପ ମହାରଥୀ ଜନତା ଦଳରୁ ବିଧାୟକ ଭାବେ ନିର୍ବାଚିତ ହୋଇଥା’ନ୍ତି ଓଡ଼ିଶା ବିଧାନସଭାକୁ। ସେଦିନ ରାତି ପ୍ରାୟ ଆଠଟାରୁ ସାଢ଼େଆଠଟା ସମୟ। କୌଣସି କାମରେ ପୁରୀ ଗସ୍ତକରି ସପରିବାରେ ଫେରୁଥାନ୍ତି ମହାରଥୀ କାରରେ। ନିଜ ନିର୍ବାଚନ ମଣ୍ଡଳୀ ପିପିଲି ଭିତର ଦେଇ ଆସୁଥିଲା ବେଳେ ଶିଉଳା ନାମକ ଗ୍ରାମ ନିକଟରେ ଖୋଦ୍ ପିପିଲିରୁ ସ୍କୁଟରରେ ଫେରୁଥିବା ଦମ୍ପତି ତାଙ୍କର ଏକ ଆତ୍ମୀୟସଦ୍ର ରାଜରାସ୍ତା ଉପରେ ଗୋଟିଏ ଡକାୟତ ଗୋଟିଏ ଦମ୍ପତିଙ୍କୁ ଆକ୍ରମଣ କରୁଥାଏ। ତାଙ୍କର ପିଲା ଦୁଇଟି ବିକଳରେ ଚିତ୍କାର କରୁଥାଆନ୍ତି। ମହାରଥୀଙ୍କ ଦୃଷ୍ଟି ପଡ଼ିବାମାତ୍ରେ ଆଉ ବୁଝିବାକୁ ବାକି ରହିଲାନି ଘଟଣାଟିକୁ। ଡକାୟତର ସ୍କୁଟରଟିକୁ ମଧ ସେଇ ସ୍ୱଳ୍ପ ସମୟ ମଧ୍ୟରେ ଦେଖିସାରିଥିଲେ ମହାରଥୀ। ତତ୍‌କ୍ଷଣାତ୍ ଡ୍ରାଇଭରଙ୍କୁ ନିର୍ଦ୍ଦେଶ ଦେଲେ କାର୍‌କୁ ପଛକୁ ନେବାକୁ ଏବଂ ପ୍ରତ୍ୟୁତ୍ପନ୍ନମତି ମହାରଥୀ ଏହା କହିଲାବେଳେ ଉକ୍ତ ଡକାୟତର ସ୍କୁଟର ସାମ୍ନାରେ କାର୍‌ଟିକୁ ରଖିବାକୁ ଡ୍ରାଇଭରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯାହାଫଳରେ ଉକ୍ତ ଡକାୟତଟି ସାଙ୍ଗେସାଙ୍ଗେ ସ୍କୁଟର ଚଳାଇ ଖସିଯାଇ ପାରିବ ନାହିଁ ସେଠାରୁ। ସତକୁ ସତ ଡ୍ରାଇଭର (ବୈକୁଣ୍ଠ ନାମକ ଯୁବକଟିଏ, ପିପିଲିର) କାର୍‌ଟିକୁ ମହାରଥୀ କହିବା ଅନୁଯାୟୀ ଡକାୟତଟିର ସ୍କୁଟର ସମ୍ମୁଖରେ ରଖିଦେଲା। କାର୍ ଭିତରେ ମୁଁ, ପାଞ୍ଚ ବର୍ଷର ପୁଅ ରୁଦ୍ର ଓ ବର୍ଷକର ଝିଅ ଲଭ୍‌ଲି ଏବଂ ଝିଆରୀ ପୁଷ୍ପା ସହ ଗାଡ଼ିରେ ବସିଥାଏ। ଭୀଷଣ ଡର ଲାଗୁଥାଏ ମୋତେ। ମହାରଥୀ ସିଧାସଳଖ କାର୍‌ରୁ ଓହ୍ଲାଇ ସେହି ଡକାୟତ ଆଡ଼କୁ ଅଗ୍ରସର ହେଲାବେଳେ ଡକାୟତଟି ଦୁଇ ହାତରେ ଏକ ବିରାଟ ଖଡ୍‌ଗ ଟେକିଧରିଲା ମହାରଥୀଙ୍କୁ ଆକ୍ରମଣ କରିବାକୁ! ନିର୍ଭୀକ ମହାରଥୀ ଦ୍ରୁତଗତିରେ ତା’ ନିକଟକୁ ଯାଇ ତାର ଦୁଇ ବାହାକୁ ଦୁଇ ହାତରେ ଧରି ପକାଇ ତାକୁ କାବୁ କରିଦେଲେ। ସେ ସଙ୍ଗେସଙ୍ଗେ ଧରିଥିବା ଖଣ୍ଡାଟିକୁ ପଛପଟର କିଆବୁଦା ଭିତରକୁ ଫୋପାଡ଼ିଦେଲା। ଆମେ ସମସ୍ତେ ଗାଡ଼ି ଭିତରେ ଥାଇ ରାସ୍ତାରେ ଯିଏ ଯାଉଥା’ନ୍ତି ତାଙ୍କୁ ହାତଠାରି ଏଠାରେ ଡକାୟତି ହେଉଛି ବୋଲି ଚିତ୍କାର କରି ଡାକୁଥାଉ। ଆସ୍ତେଆସ୍ତେ କିଛିକିଛି ଲୋକ ରୁଣ୍ଡ ହେବାକୁ ଲାଗିଲେ। ଭୟରେ ଥରୁଥିବା ସେହି ଦମ୍ପତି ଦୁଇ ପିଲାଙ୍କ ସହ ମହାରଥୀଙ୍କ ନିକଟକୁ ଆସି ସବୁକଥା ବର୍ଣ୍ଣନା କଲେ। ମହାରଥୀ ତାଙ୍କୁ ଆଗରୁ ଚିହ୍ନିଥିଲେ। ସେ ଦୁହେଁ ଥିଲେ ଏରୋଡ୍ରମ ଫିଲଡ୍ ପାଖରେ ରହୁଥିବା ନରୁଲା ଦମ୍ପତି। ପୋଲିସ୍ ଷ୍ଟେସନ୍‌ରୁ ଆଇ.ଆଇ.ସି. ଓ କନେଷ୍ଟବଲ୍ ପୋଲିସ୍ ଭ୍ୟାନ୍ ସହ ସଙ୍ଗେସଙ୍ଗେ ଆସି ପହଞ୍ଚିଗଲେ। ଡକାୟତକୁ ଗିରଫ କଲେ। ତା’ର ସ୍କୁଟର ଓ କିଆବୁଦା ଭିତରୁ ଅଣାଯାଇଥିବା ଖଣ୍ଡାକୁ ସିଜ୍ କଲା ପୋଲିସ୍। ମହାରଥୀଙ୍କ ସହ ମିଷ୍ଟର ନରୁଲା ପୋଲିସ୍ ଷ୍ଟେସନ୍ ଗଲେ ଏଫ୍‌ଆଇଆର୍ ଦେବାପାଇଁ। ଆମେ ମିସେସ୍ ନରୁଲା ଏବଂ ତାଙ୍କ ପୁଅଝିଅଙ୍କୁ ନେଇ ଏରୋଡ୍ରମ୍ ପଡ଼ିଆ ନିକଟସ୍ଥ ତାଙ୍କ ବାସଭବନରେ ଛାଡ଼ି ଘରକୁ ଫେରିଲୁ। ଜୀବନକୁ ପାଣିଛଡ଼େଇ ଅପରର ଜୀବନ ରକ୍ଷାକରିବା ଭଳି ମହତ୍ ଗୁଣଟି ସେଦିନ ଖାଲି ମହାରଥୀଙ୍କ ମହାନତାକୁ ଓ ପରୋପକାରିତାକୁ ପ୍ରକାଶ କରି ନଥିଲା, ପରନ୍ତୁ ତାଙ୍କର ପ୍ରଚଣ୍ଡ ସାହସିକତାର ଏକ ନିଖୁଣ ପରିଚୟ ଦେଇଥିଲା ସେଦିନର ଏହି ଘଟଣାଟି। ତା’ ପରଦିନ ଇଂରାଜୀ ପେପର ଇଣ୍ଡିଆନ୍ ଏକ୍‌ସପ୍ରେସ୍‌ର ପ୍ରବାଦପୁରୁଷ ବିଜୁବାବୁ ମହାରଥୀଙ୍କୁ ଏହି ଘଟଣାରେ ଭୂୟସୀ ପ୍ରଶଂସା କରି ଲେଖିଥିଲେ Bravo, Pradeep Bravo। ଆଜି ସିନା ଆପଣ ଆମ ଗହଣରେ ନାହାନ୍ତି, କିନ୍ତୁ ଆପଣଙ୍କ ଜୀବନର ଏମିତି ଶହଶହ ଘଟଣା ଆଗାମୀ ଦିନରେ ଓଡ଼ିଶାର ଯୁବକ ଯୁବତୀଙ୍କ ମନରେ ଉତ୍ସାହ, ଉଦ୍ଦୀପନା, ସାହସ ଓ ପ୍ରେରଣା ଭରିଦେଉଥିବ ଏଥିରେ ସନ୍ଦେହ ନାହିଁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ।

**ଡ. ପ୍ରତିଭା ମହାରଥୀ**, *ଖାରବେଳନଗର, ୟୁନିଟ୍-୩, ଭୁବନେଶ୍ୱର, ମୋ-୯୪୩୭୦୩୬୮୦୯*

# ୧୫୨ତମ ଜିଲ୍ଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ପାଳିତ

ବାଲେଶ୍ୱର (ପିଏନ୍)-ବାଲେଶ୍ୱର ଶହୀଦ ପାର୍କ ସ୍ଥିତ ସୂଚନା କେନ୍ଦ୍ରଠାରେ ୧୫୨ତମ ଜିଲ୍ଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି । ଏହି ଅବସରରେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମାନ୍ୟବର ବାଲେଶ୍ୱର ସଦର ବିଧାୟକ ଶ୍ରୀ ସ୍ୱରୂପ କୁମାର ଦାସ, ମାନ୍ୟବର ରେମୁଣା ବିଧାୟକ ଶ୍ରୀ ସୁଧାଂଶୁ ଶେଖର ପରିଡା, ସଦର ବ୍ଲକ ଅଧ୍ୟକ୍ଷ ଶ୍ରୀ ନାରାୟଣ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ଶ୍ରୀ ଭବେଶ କୁମାର ନାୟକ, ପିଡି ଡିଆରଡିଏ ଶ୍ରୀ ରବୀନ୍ଦ୍ର କୁମାର ସାହୁ, ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲ, ଆଇଏଏସ ପ୍ରୋବେସନର ଶ୍ରୀ କୁନାଲ ଚୌହାନ, ସଦର ବିଡିଓ ଶ୍ରୀ ନରେନ୍ଦ୍ର ଖମାରୀଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି, ବିଭିନ୍ନ ଅନୁଷ୍ଠାନର କର୍ମକର୍ତା, ଗଣମାଧ୍ୟମ ପ୍ରତିନିଧି ଏବଂ ବିଭାଗୀୟ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ମହାତ୍ମା ଗାନ୍ଧୀ ଏବଂ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଫଟୋ ଚିତ୍ରରେ ପୁଷ୍ପ ଅର୍ପଣ କରିବା ସହ ସେମାନଙ୍କ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ଅତିଥିମାନେ ଗାନ୍ଧୀଜୀଙ୍କ ଜୀବନାଦର୍ଶ ଏବଂ ଅବଦାନ ଉପରେ ଆଲୋକପାତ କରିଥିଲେ । ଗାନ୍ଧିଜୀଙ୍କ ନୀତି ଓ ଆଦର୍ଶକୁ ପାଥେୟ କରି ଆମେ ନିଜ ଦୈନନ୍ଦିନ ଜୀବନରେ ପରିବର୍ତନ ଆଣିପାରିଲେ ଦେଶର ବିକାଶ ସାଧିତ ହେବା ସହ ଗାନ୍ଧିଜୀଙ୍କ ପ୍ରତି ତାହା ଶ୍ରେଷ୍ଠ ଶ୍ରଦ୍ଧାଂଜଳି ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ସେହିପରି ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସବୁ ବାଧାବିଘ୍ନ ସତ୍ୱେ କିଭଳି ସର୍ବୋଚ୍ଚ ସ୍ଥାନରେ ପହଂଚିପାରିଥିଲେ ଏବଂ ନିଜର ନୈତିକତା ଓ ଆଦର୍ଶ ପାଇଁ ଶାନ୍ତିର ଦୂତ ଭାବେ ପରିଚିତି ଲାଭ କରିପାରିଥିଲେ ସେ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ପ୍ରଶା‘ ଦାସ, ଶ୍ରୀ ଲକ୍ଷ୍ମୀଧର ବେହେରା, ଶ୍ରୀ ଶରତ ଦାଶ, ଶ୍ରଦ୍ଧାଂଜଳି ରାୟ, ଜନ୍ନତ ହୁସେନ ପ୍ରମୁଖ ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ସମ୍ପର୍କରେ ନିଜ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଆୟୋଜିତ ସର୍ବଧର୍ମ ପ୍ରାର୍ଥନା ସଭାରେ ଚାରି ଗାଁ ରାମେଶ୍ୱର ସଂସ୍କୃତି ବିଦ୍ୟାଳୟର ଶିକ୍ଷକ ଶ୍ରୀ ମନ୍ମଥ କୁମାର ମିଶ୍ର ଗୀତା ପାଠ କରିଥିବାବେଳେ ବାରବାଟି ବାଳିକା ହାଇସ୍କୁଲର ଶିକ୍ଷୟିତ୍ରୀ ଜରୀନା ବେଗମ ଏବଂ ଜିଲ୍ଲା ସ୍କୁଲର ମସ୍କୁର ଅଲୀ ଖାନ କୋରାନ ପାଠ କରିଥିଲେ । ଆର.କେ. ହିନ୍ଦୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆରତ ମନ୍ତ୍ରୀ ବାଇବେଲ ପାଠ କରିଥିଲେ । ନୃତ୍ୟସଙ୍ଗୀତ କଳାମନ୍ଦିରର କଳାକାର ବେଲା ସେନ, ନନ୍ଦକିଶୋର ଦାସ ଓ ସାଗରିକା ଦାସ ଗାନ୍ଧୀଜୀଙ୍କ ପ୍ରିୟ ଭଜନ ପରିବେଷଣ କରିଥିଲେ । ଭୋର ସମୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସହରରେ ରାମଧୂନ ପରିବେଷଣ କରାଯାଇଥିଲା । ପ୍ରାତଃ ୬ଘଟିକା ସମୟରେ ଜିଲ୍ଲା ପ୍ରଶାସନ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ରାମଧୂନ ଶୋଭାଯାତ୍ରାରେ ଲୋକକଳା କଳାକାରମାନେ ଯୋଗ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଶହୀଦ ପାର୍କ ଯାଏଁ ଯାଇଥିଲେ । ଶହୀଦ ପାର୍କଠାରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତିରେ ସକାଳ ୮ଘଟିକା ୩୦ମିନିଟ୍ ସମୟରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ । ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଏଥିରେ ସକ୍ରିୟ ସହଯୋଗ କରିଥିଲେ ।

# ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ ଅବସରରେ ପିସିସି ପକ୍ଷରୁ ଆଲୋଚନା ଚକ୍ର ଓ ପୁରସ୍କାର ବିତରଣ ଉତ୍ସବ

ଭୁବନେଶ୍ୱର (ପିଏନ୍)-ଜାତିର ଜନକ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନ ମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଉତ୍ସବ ପାଳନ ଅବସରରେ କଂଗ୍ରେସ ଭବନ କାର୍ଯ୍ୟାଳୟଠାରେ ଏକ ଆଲୋଚନା ଚକ୍ର ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସଂପାଦକ ଶ୍ରୀ ଚିନ୍ମୟ ସୁନ୍ଦର ଦାସଙ୍କ ଅଧକ୍ଷତାରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଟଣୀ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ ଯୋଗଦେଇ କହିଥିଲେ ଯେ ଆଜିର ଅବକ୍ଷୟମୁଖୀ ସମାଜକୁ ସୁଧାରିବା ପାଇଁ ଗାନ୍ଧୀ ଦର୍ଶନ ହିଁ ଅନୁସରଣୀୟ। ଏ ଦେଶର ଅଗଣିତ ଛାତ୍ରଛାତ୍ରୀ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଜୀବନ ଇତିହାସକୁ ପଢ଼ିବା ଉଚିତ୍। ମହାତ୍ମା ଗାନ୍ଧୀଙ୍କର ସଂଗ୍ରାମ, ବଳିଦାନ, ଉପଦେଶ ଓ ଆଦର୍ଶକୁ ପ୍ରତିଟି ଭାରତୀୟ ଭଲଭାବରେ ଜାଣିବା ଦରକାର। ଆଜି ଆମେ ସ୍ୱାଧୀନ ଭାବରେ ଜୀବନଯାପନ କରିବା ପଛରେ ତାଙ୍କର ମହାନ ଅବଦାନ ଓ ତ୍ୟାଗ ରହିଛି। ତାଙ୍କର ଅହିଂସା ମନ୍ତ୍ରରେ ସାରା ବିଶ୍ୱ ଅଭିମନ୍ତ୍ରୀତ ହେବା ଉଚିତ। ବିଶେଷ କରି ଜଣେ ଛାତ୍ର ବା ଛାତ୍ରୀ ତାର ଜୀବନ ବା ଭବିଷ୍ୟତ ଗଠନରେ ଗାନ୍ଧୀ ଦର୍ଶନରେ ଆଲୋକିତ ହେବା ଉଚିତ। ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବା ଚିନ୍ମୟ ସୁନ୍ଦର ଦାସ କହିଥିଲେ ଜାତିର ଜନକ ମହାତ୍ମା ଗାନ୍ଧୀ ବିଶ୍ୱର ଜନନାୟକ ଏବଂ ପ୍ରଥପ୍ରଦର୍ଶକ। ସମସ୍ତ ସମସ୍ୟାର ସମାଧାନର ସୂତ୍ର ଗାନ୍ଧୀ ଦର୍ଶନରେ ରହିଛି। ଏଠାରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ସାଧୁତା ଓ ଶାନ୍ତିର ପ୍ରତୀକ ସ୍ୱର୍ଗତଃ ଲାଲବାହାଦୁର ଶାସ୍ତ୍ରୀଙ୍କ ଜନ୍ମଦିନ ପାଳନ କରାଯିବା ସହ ତାଙ୍କର ଜୀବନ ଦର୍ଶନ ଉପରେ ବକ୍ତାମାନେ ଆଲୋକପାତ କରିଥିଲେ। ଆଲୋଚନାଚକ୍ର ପରେ ଅଧକ୍ଷ ଶ୍ରୀ ଦାସ, ବିଧାୟକ ଶ୍ରୀ ରାଉତରାୟ ଏବଂ ଅନ୍ୟାନ୍ୟ ଅତିଥି ପୂର୍ବତନ ବିଧାୟକ ଯଜ୍ଞେଶ୍ୱର ବାବୁ, ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ, ଶିବାନନ୍ଦ ରାୟ, ମନୋରଂଜନ ଦାଶ ପ୍ରମୁଖ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ପୂର୍ବରୁ ଭୁବନେଶ୍ୱରର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ମହାତ୍ମା ଗାନ୍ଧୀଙ୍କ ଉପରେ ଚିତ୍ରାଙ୍କନ ଓ ରଚନା ପ୍ରତିଯୋଗିତା ହୋଇଥିଲା। କୃତି ପ୍ରତିଯୋଗୀ ଏବଂ ସେମାନଙ୍କର ଅଭିଭାବକମାନେ ଆସି ଅତିଥିମାନଙ୍କ ଠାରୁ ସେମାନଙ୍କର ପୁରସ୍କାର ଗ୍ରହଣ କରିଥିଲେ। ପରିଶେଷରେ ସତ୍ୟ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ପ୍ରତି ଉଚିତ ସମ୍ମାନ ପ୍ରଦର୍ଶନ କରାଯାଉ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପରିସରରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ପ୍ରତି ଉଚିତ ସମ୍ମାନ ପ୍ରଦର୍ଶନ କରାଯିବାକୁ ଶିକ୍ଷାବିତ,ବୁଦ୍ଧିଜିବି ଓ ସମାଜସେବୀମାନେ ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି। ରାଷ୍ଟ୍ରପିତା ଗାନ୍ଧିଜୀଙ୍କ ଜନ୍ମଦିବସ, ଗାନ୍ଧୀ ଜୟନ୍ତୀ ଓଡିଶାର ରାଜଧାନୀ ଭୁବନେଶ୍ୱର ସ୍ମାର୍ଟସିଟି ଘୋଷଣା ହେବା ପରେ ମଧ ଆଜି ଓଡିଶାର ନୂଆ ପରିଚୟ ପାଇଁ ଆକାଶଛୁଆଁ ଗାନ୍ଧୀ ସ୍ମୃତିସ୍ତମ୍ଭ ନିର୍ମାଣ ହେବାକୁ ନୀତିଗତ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବର୍ଷକୁ ୪ଥର ଛାଡିଦେଲେ ଗାନ୍ଧୀଙ୍କ ସ୍ମୃତିସ୍ତମ୍ଭ ଛୋଟ, ବଡ ଏବଂ ଅଲୋଡା ହୋଇପଡେ। ସଦ୍ୟ ଏହି ଘଟଣାକୁ ନେଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଅସୁରକ୍ଷିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ ସ୍ମୃତି ଫଳକ ପ୍ରତି ବିଭାଗୀୟ ଉଦାସୀନତାକୁ ଏକ ନିଆରା ଢଙ୍ଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି କେତେକ ଶିକ୍ଷକ ଓ ସାମାଜିକକର୍ମୀ । ସେମାନେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିର ସୁରକ୍ଷା ଓ ସେହି ମୂର୍ତ୍ତି ଉପରେ ଛାତ ପକାଇବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଅନୁମତି ମାଗିଥିଲେ। କିନ୍ତୁ ଦୁର୍ଭାଗ୍ୟର କଥା ଅଧିକାରୀ ଏଥିପ୍ରତି ସମ୍ବେଦନଶୀଳ ହେଲେନାହିଁ କିମ୍ବା ଅନ୍ୟ ବିଭାଗ ଦ୍ୱାରା ସେହି କାର୍ଯ୍ୟ କରାଇବାକୁ ସାମାନ୍ୟ ଚେଷ୍ଟା ମଧ କଲେନାହିଁ। ଅତ୍ୟନ୍ତ ପରିତାପର ବିଷୟ ଏହି ପବିତ୍ର ଦିବସରେ ସେହି ମୂର୍ତ୍ତି ରେ ଦିନ ପ୍ରାୟ ସାଢେ ୧୦ଟା ସମୟରେ କାର୍ଯ୍ୟାଳୟର ବଡବାବୁ ଜଣଙ୍କ ମୂର୍ତ୍ତିକୁ ପାଉନଥିବା ଛୋଟ ଗେଣ୍ଡୁମାଳଟିଏ ତରତରରେ ପକାଇଦେଇ ପଳାଇଯାଇଥିଲେ। ଜାତିର ପିତାଙ୍କ ପ୍ରତି ଏକ ସରକାରୀ କାର୍ଯ୍ୟାଳୟ ପରିସରରେ ଉଚିତ ସମ୍ମାନ ପ୍ରଦର୍ଶନ କରାନଯିବା ଅତ୍ୟନ୍ତ ଦୁଃଖ ଆଉ ପରିତାପର ବିଷୟ। ବିଶେଷ ଭାବେ ଜିଲ୍ଲା ସ୍କାଉଟ କାର୍ଯ୍ୟାଳୟ ନିକଟରେ ଥିବା ଏହି ପ୍ରତିମୂର୍ତ୍ତିରେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଜୋତା ପିନ୍ଧି ଗାନ୍ଧିଜୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିବା ଘଟଣା ଅତ୍ୟନ୍ତ ଲଜ୍ଜାଜନକ ବୋଲି ଅଭିଯୋଗ ହୋଇଛି। ସେହି ମୂର୍ତ୍ତି ଉପରେ ଛାତ ନଥିବାରୁ ବର୍ଷା, ଖରା ଓ କାକରରେ ମୂର୍ତ୍ତିରୁ ରଙ୍ଗ ଛାଡିବା, ପକ୍ଷୀମାନେ ମଳତ୍ୟାଗ କରିବା ଭଳି ଘଟଣା ଘଟୁଛି। ତେଣୁ ସେହି ଗାନ୍ଧୀଙ୍କ ମୂର୍ତ୍ତି ଉପରେ ତୁରନ୍ତ ସ୍ଥାୟୀ ଛାତ ପକାଯିବାର ଆବଶ୍ୟକତା ରହିଛି। ସେହିଭଳି କେନ୍ଦ୍ରାପଡାର ଅନ୍ୟତମ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ କେନ୍ଦ୍ରାପଡା ସାନ୍ଧ୍ୟ ମହାବିଦ୍ୟାଳୟ ସୁରକ୍ଷା ପ୍ରାଚୀର ନିକଟରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଉପରେ ଛାତ ନଥିବା ହେତୁ ଏକାପ୍ରକାର ସମସ୍ୟା ଦେଖାଦେଇଛି। ଏଥିପ୍ରତି କଲେଜ ଅଧ୍ୟକ୍ଷ ଗଙ୍ଗାଧର ସାହୁ ଦୃଷ୍ଟିଦେବା ବଦଳରେ ତାଙ୍କ ପୂର୍ବରୁ ଏହି ମୂର୍ତ୍ତି ନିର୍ମାଣ ହୋଇ ଏଭଳି ଅବସ୍ଥାରେ ଥିବା କହିଛନ୍ତି। ଏଥିପ୍ରତି ଜିଲ୍ଲାପାଳ ଏବଂ ଗାନ୍ଧୀ ସ୍ମୃତି ସୁରକ୍ଷା ସମିତି ଅଧକ୍ଷ ତଥା ବିଧାୟକ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେବା ସହିତ ନୂତନ ମୂର୍ତ୍ତି ସ୍ଥାପନ ନିମନ୍ତେ ନୂଆ ଗାଇଡ ଲାଇନ ପ୍ରସ୍ତୁତ କରାଯିବାକୁ ଶିକ୍ଷାବିତ୍ ନଳିନୀ ପୃଷ୍ଟି ସରକାରଙ୍କ ନିକଟରେ ଦାବି କରିଛନ୍ତି।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଟିକି ବିପ୍ଳବୀ : ନୀଳମଣି



**ଅକ୍ଷୟ କୁମାର ରାଉତ**

ପରାଧିନତାର କଳାବାଦଲ ପବିତ୍ର ଭାରତମାତକୁ କରାଏତ କରିଥାଏ । ଉଜ୍ଜ୍ୱଳମାନ ପ୍ରଚଣ୍ଡ ସୂର୍ଯ୍ୟ ରାହୁଗ୍ରସ୍ତ । ପିଡିତ, ଲାଂଛିତ, ନିଷ୍ପେସିତ, ଅବହେଳିତ ଭାରତୀୟମାନଙ୍କର କରୁଣ ଆର୍ତ୍ତ ଚିତ୍କାର ବିଦେଶୀ ଶାସକଙ୍କ ନିଦକୁ ହଜାଇ ଦେଉଥାଏ । ଲୋକଙ୍କ ମନରେ ସ୍ୱାଧିନତାର ବହ୍ନି ପ୍ରଜ୍ୱୋଳିତ । ଖୋର୍ଦ୍ଧାଗଡ଼ର ପାଇକ ବିଦ୍ରୋହ ସିପାହୀ ବିଦ୍ରୋହ ପରେ ପରେ ଦେଶର ସବୁ ସ୍ଥାନରେ ସ୍ୱାଧୀନତା ସଂଗ୍ରାମ । ଏହିପରି ଏକ ମୂହୁର୍ତରେ ବାଲେଶ୍ୱର (ଭଦ୍ରକ) ଜିଲ୍ଲା ତିହିଡି ଥାନା ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମର ଚନ୍ଦ୍ରଶେଖର ରାଉତରାୟ ଓ ମା’ କୋଇଲି ଦେବୀଙ୍କ ଅଷ୍ଟମ ଗର୍ଭରେ ୧୯୨୦ ମସିହା ମଇ ୨୪ ତାରିଖରେ ଏକ ସ୍ୱଚ୍ଛଳ ପରିବାରରେ ଜନ୍ମ ଗ୍ରହଣ କଲେ ମହାନ୍ ବିପ୍ଳବି ଜନନାୟକ ନୀଳମଣି । ଅକାଳରେ ମା’କୁ ହରାଇ ନୀଳମଣି ସାବତ ମା ଓ ବଡ଼ ଭଉଣୀମାନଙ୍କର ଯତ୍ନରେ ବଡ଼ହେଲେ । ପ୍ରାଥମିକ ଶିକ୍ଷା ପାଖ ଗାଁ ଝିଙ୍କିରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆରମ୍ଭ ହୋଇଥିଲା । ତା’ପରେ ତାଙ୍କ ଭିଣୋଇଙ୍କ ପାଖରେ ରହି ବାଲେଶ୍ୱର ଜୁବୁଲି ମଧ୍ୟ ଇଂରାଜୀ ସ୍କୁଲରେ ପାଠ ପଢ଼ିଲେ । ତାଙ୍କ ବଡ଼ଭାଇ ହରେକୃଷ୍ଣଙ୍କ ବନ୍ଧୁ ପ୍ରଧାନ ଶିକ୍ଷକ ଉଦୟ ନାରାୟଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ନାରାୟଣଚନ୍ଦ୍ର ମଧ୍ୟ ଇଂରାଜୀ ବିଦ୍ୟାଳୟର ଛାତ୍ରାବାସରେ ରହି ସେ ମାଇନର ପାଠ ଓ ଭଦ୍ରକ ହାଇସ୍କୁଲର ପାଠ ଶେଷ କରିଥିଲେ ।

ଜନ୍ମରୁ ନୀଳମଣି ଦରଦୀ, ସ୍ୱାଧୀନଚେତା ଓ ପରୋପକାରୀ ଥିଲେ । ବିଦ୍ୟାଳୟରେ ପଢ଼ିବା ସମୟରେ ବିହାରରେ ହୋଇଥିବା ଭୂମିକମ୍ପର ପିଡିତ ମାନଙ୍କ ସାହାଯ୍ୟ ନିମନ୍ତେ ଅର୍ଥ ସଂଗ୍ରହ କରି ପଠାଇଥିଲେ । ୧୯୩୦ ମସିହାରେ ସ୍ୱାଧିନତା ସଂଗ୍ରାମର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଥିଲା ଲବଣ ଆନ୍ଦୋଳନ ବା ଦରିଆ ଦଖଲ ଆନ୍ଦୋଳନ । ଏହି ଆନ୍ଦୋଳନ ନୀଳମଣିଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା । ଝିଙ୍କିରିଆର ସଂଗ୍ରାମୀ ଭାଗବତ ସାହୁଙ୍କୁ ପୋଲିସ୍ ହାତକଡା ପକାଇ ନେବାର ଦୃଶ୍ୟ ନୀଳମଣିଙ୍କ ମନରେ ଗଭୀର ରେଖାପାତ କଲା । ସେ ବିଦେଶୀ ଶାସନ ବିରୁଦ୍ଧରେ ସ୍ୱର ଉତୋଳନ କଲେ । ସାଙ୍ଗମାନଙ୍କୁ ଧରି ଗାଁ ପଡିଆରେ ଲୁଣମାରି ଲୁଣ ପୁଡିଆଙ୍କୁ ଗାଁ ଗାଁ ବୁଲି ବାଂଟିଲେ । ଗାନ୍ଧିଙ୍କ ଡାକରାରେ କଂଗ୍ରେସର ନିଶାନିବାରଣ କାର୍ଯ୍ୟକ୍ରମରେ ଯୋଗ ଦେଉଥିବା ସମସ୍ତ କଂଗ୍ରେସ କର୍ମୀମାନଙ୍କୁ ପୋଲିସ୍ ଗିରଫ କରି ଭଦ୍ରକ ପର୍ଯ୍ୟନ୍ତ ଚଲାଇ ଚଲାଇ ନେଲେ । ନୀଳମଣି ତାଙ୍କର ସହଯୋଗୀ ବାନରସେନାଙ୍କୁ ଧରି ସତ୍ୟାଗ୍ରହୀ କର୍ମୀମାନଙ୍କ ପଛେ ପଛେ ଧ୍ୱନି ଦେଇ ନଅ ମାଇଲ ବାଟ ଚାଲି ଚାଲି ଯିବାରୁ ପୋଲିସ୍ ନୀଳମଣିଙ୍କୁ ଗିରଫ କରି ନେଇ ଭଦ୍ରକ ଜେଲକୁ ସତ୍ୟାଗ୍ରହୀମାନଙ୍କ ସହିତ ପଠାଇଦେଲା । ଗାଁରୁ ବାପା ଓ କଲିକତାରୁ ଭାଇ ଆସି ଭଦ୍ରକରେ ପହଁଚିଲେ । ୧୦ ଦିନ ଜେଲଦଣ୍ଡ ଭୋଗିବା ପରେ ହାକିମ ନୀଳମଣିଙ୍କୁ ଛୋଟ ପିଲା ହୋଇଥିବାରୁ ଖଲାସ୍ କରିଦେଲେ । ଭଦ୍ରକ ସହରର କୁଆଁସ ପଡିଆରେ ଗୋଟିଏ କଂଗ୍ରେସ ସଭାକୁ ମାଜିଷ୍ଟ୍ରେଟ ନିଷିଦ୍ଧ ଘୋଷଣା କରି ସହରରେ ୧୪୪ ଧାରା ଜାରି କଲେ । ନୀଳମଣି ସ୍କୁଲ ପରେ କିଛି ସାଙ୍ଗସାଥୀଙ୍କୁ ଧରି କୁଆଁସ ପଡ଼ିଆକୁ ଚାଲିଲେ । ସେଠାରେ ଦେଖିଲେ ବହୁ ଲୋକ ଅଛନ୍ତି କିନ୍ତୁ କେହି ନେତା ନଥିବାରୁ ସଭାକାର୍ଯ୍ୟ ହୋଇପାରିଲା ନାହିଁ । ଛାତ୍ରମାନେ ନୀଳମଣିଙ୍କୁ ସଭାପତି ପରି ସଭାକାର୍ଯ୍ୟ ଚଳାଇଲେ । ପୋଲିସ୍ ଫଉଜ ଆସି ସବୁ ଛାତ୍ରଙ୍କୁ ଗିରଫ କରିନେଲେ । ଗିରଫ ଛାତ୍ରଙ୍କ ମଧ୍ୟରେ ଥିଲେ ମାଜିଷ୍ଟ୍ରେଟଙ୍କ ପୁଅ । ତେଣୁ ମାଜିଷ୍ଟ୍ରେଟ ନିଜେ ଥାନାକୁ ଆସି ସବୁ ପିଲାଙ୍କୁ ଛାଡି ଦେଇ କେବଳ ନୀଳମଣିଙ୍କୁ ଜେଲ ପଠାଇଦେଲେ । ନୀଳମଣିଙ୍କ ବାପା ଓ ଭାଇ ଆସି ମୁଚାଲିକା ଲେଖି ନୀଳମଣିଙ୍କୁ ଖଲାସ କରାଇଲେ ।

୧୯୩୪ ମସିହାରେ ଗାନ୍ଧିଜୀ ହରିଜନ ପଦଯାତ୍ରା କରି ଭଦ୍ରକର ସାଳନ୍ଦୀ ନଦୀକୂଳରେ ଜୀବରାମଜୀଙ୍କ ଆଶ୍ରମରେ ରହିବା ସମୟରେ ନୀଳମଣିଙ୍କୁ ମିଳିଗଲା ଗାନ୍ଧିଜୀଙ୍କୁ ତାଳପତ୍ର ପଙ୍ଖାରେ ବିଂଚିବାର ସୁଯୋଗ । ପ୍ରଥମ ଥର ଗାନ୍ଧୀଙ୍କ ସଂସ୍ପର୍ଶରେ ଆସିବାରୁ ସେ ନିଜକୁ ଭାଗ୍ୟବାନ୍ ବୋଲି ମନେ କଲେ । ସେହି ଦିନଠାରୁ ସ୍ୱାଧୀନତା ଆନ୍ଦୋଳନ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରୁଥିଲେ । ଜାନୁଆରୀ ୨୬ ତାରିଖ ଦିନ ଘରେ ଘରେ ତ୍ରିରଙ୍ଗ ପତାକା ଉଡାଇବାକୁ କଂଗ୍ରେସ ପକ୍ଷରୁ ସ୍ଥିର କରାଗଲା । ଭଦ୍ରକ ହାଇସ୍କୁଲକୁ ଲାଗି ଦେଓ୍ୱାନୀ ଅଦାଲତ କୋଠାରେ ସରକାରୀ ପତାକା ବଦଳରେ କଂଗ୍ରେସର ତ୍ରିରଙ୍ଗା ପତାକା ଉଡୁଥିବା ଦେଖାଗଲା । ଚାରିଆଡେ ଚହଳ ପଡିଗଲା । ଟିକି ବିପ୍ଳବୀ ନୀଳମଣିର ଏ କାମ । ସରକାରୀ ମହଲରେ ନୀଳମଣି ପତାକା ଉଡାଇଥିବା ସନ୍ଦେହ କରାଯାଇ ଛାତ୍ରାବାସରେ ଖାନତଲାସ୍ ହେଲା । ମାତ୍ର ପୋଲିସ୍ କିଛି ଟେର୍ ପାଇନଥିଲା । ଟିକି ବିପ୍ଳବୀ ନୀଳମଣି ୧୯୩୬ ମସିହାରେ ଭଦ୍ରକ ହାଇସ୍କୁଲରୁ ମାଟ୍ରିକ ପାସ୍ କରି ରେଭେନ୍ସା କଲେଜରେ ବି.ଏ. ଶ୍ରେଣୀରେ ନାମ ଲେଖାଇ ଇଷ୍ଟ୍ ହଷ୍ଟେଲରେ ରହି ପାଠପଢ଼ିଲେ । ସେ ସମୟରେ ଡଃ ପ୍ରାଣକୃଷ୍ଣ ପରିଜା ଥାଆନ୍ତି ରେଭେନ୍ସା କଲେଜର ଅଧ୍ୟକ୍ଷ । ନୀଳମଣି ଛାତ୍ର ଅବସ୍ଥାରେ ପ୍ରଦେଶ କଂଗ୍ରେସ କର୍ମକର୍ତା ମାନଙ୍କ ସହିତ ଭଲ ସଂପର୍କ ରଖି କଂଗ୍ରେସ ଦଳର ସ୍ୱେଚ୍ଛାସେବକ ଭାବେ ସବୁ ସଭାସମିତିରେ ଯୋଗ ଦେଉଥିଲେ । ନୀଳମଣି ଦାବି କଲେ ଯେ, ଛାତ୍ର ୟୁନିୟନର ସଭାପତି ଅଧ୍ୟକ୍ଷ ନହୋଇ ଛାତ୍ରମାନଙ୍କ ମଧ୍ୟରୁ ନିର୍ବାଚିତ ହେବା ଉଚିତ୍ । ପରିଶେଷରେ ଛାତ୍ରମାନେ ନିର୍ବାଚନ ମାଧ୍ୟମରେ ୟୁନିୟନର ସଭାପତି ଓ କର୍ମକର୍ତା ନିର୍ବାଚନ କଲେ । ମନମୋହନ ମିଶ୍ର ରେଭେନ୍ସା କଲେଜ ଛାତ୍ର ୟୁନିୟନର ପ୍ରଥମ ସଭାପତି ଭାବେ ନିର୍ବାଚିତ ହେଲେ । ୧୯୩୮ ମସିହାରେ ଟିକି ବିପ୍ଳବୀ ଛାତ୍ରସଂଘର ସଂପାଦକ ଭାବେ ଧର୍ମଘଟ, ଧାରଣା, ସଭା ଓ ଶୋଭାଯାତ୍ରା ଆୟୋଜନ କରିଥିଲେ । ଗୋରା ଅଧ୍ୟକ୍ଷକଙ୍କ ଆଦେଶକୁ ଅମାନ୍ୟ କରି ନୀଳମଣି ଛାତ୍ରମାନଙ୍କୁ ଧରି କଟକ ମେଡିକାଲ ସ୍କୁଲ କୋଠା ଉପରେ ଜାତୀୟ ପତାକା ଉତୋଳନ କଲେ ।

ସେ ସମୟରେ ଆଇନ କଲେଜ ରେଭେନ୍ସା କଲେଜରେ ଚାଲୁଥିଲା । ଆଇନ କଲେଜର ଅଧ୍ୟକ୍ଷ ଜେ.ଏନ୍. ବାନାର୍ଜୀ ତାଙ୍କର ସ୍ୱତନ୍ତ୍ର କ୍ଷମତା ଅଧିକାର ପଦ ମର୍ଯ୍ୟାଦା ସଂପର୍କରେ ସରକାରକୁ ଜଣାଇଲେ । ସରକାର ଗ୍ରହଣ ନକରିବାରୁ ବାନାର୍ଜୀ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଦେଲେ । ବାନାର୍ଜୀଙ୍କୁ ସମର୍ଥନ କରି ଛାତ୍ରସଂଘ ଧର୍ମଘର ଆରମ୍ଭ କଲେ । ଏହି ଧର୍ମଘଟର ନେତୃତ୍ୱ ନୀଳମଣି ନିଜେ ନେଇ ଆଇନ କଲେଜ ଅଧ୍ୟକ୍ଷଙ୍କୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେବାପାଇଁ ଦାବି କରିଥିଲେ । ହରେକୃଷ୍ଣ ମହତାବଙ୍କ ମଧ୍ୟସ୍ଥତାରେ ଛାତ୍ର ପ୍ରତିନିଧିମାନେ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସଙ୍କ ସହ ଆଲୋଚନା କରି ବିଫଳ ହେଲେ । ଛାତ୍ର କ୍ରିୟାନୁଷ୍ଠାନ କମିଟି ଓ ଛାତ୍ରସଂଘର ମିଳିତ ଧର୍ମଘଟ ଅନ୍ୟ କଲେଜକୁ ବ୍ୟାପିଲା । ଛାତ୍ରମାନଙ୍କ ଉପରେ ଦଣ୍ଡମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା । ଛାତ୍ରମାନଙ୍କୁ ଜେଲରୁ ଖଲାସ ଓ ସେମାନଙ୍କ ବିରୁଦ୍ଧରେ ଥିବା ମୋକଦ୍ଦମା ନ ଉଠାଇବା ପର୍ଯ୍ୟନ୍ତ ଧର୍ମଘଟ ଓ ଆନ୍ଦୋଳନ ଚାଲୁ ରହିଲା । ଶେଷରେ ସରକାର ଛାତ୍ରମାନଙ୍କ ଦାବିଗୁଡିକୁ ଗ୍ରହଣ କଲାପରେ ଆନ୍ଦୋଳନ ବନ୍ଦ ହୋଇଥିଲା । ନୀଳମଣି ଛାତ୍ର ଆନ୍ଦୋଳନରେ ବହୁବାର ଜେଲ ଯାଇଥିଲେ ।

୧୯୪୦ ମସିହା ଜାନୁଆରୀ ୨୬ ତାରିଖକୁ ସ୍ୱାଧୀନତା ଦିବସ ରୂପେ ପାଳନ କରିବା ପାଇଁ ଜାତୀୟ କଂଗ୍ରେସ ପକ୍ଷରୁ ସ୍ଥିର ହୋଇଥିଲା । ଏହି ସ୍ୱାଧୀନତା ଦିବସ ପାଳନ ପାଇଁ ଅଧ୍ୟକ୍ଷ ଡଃ. ପ୍ରାଣକୃଷ୍ଣ ପରିଜା ଅନୁମତି ଦେଇନଥିଲେ । ଛାତ୍ରନେତା ନୀଳମଣି ଓ ବିବୁଧେନ୍ଦ୍ର ମିଶ୍ରଙ୍କ ସହିତ ଅନ୍ୟ ଛାତ୍ରମାନେ ମହାସମାରୋହରେ ସ୍ୱାଧୀନତା ଦିବସ ପାଳନ କଲେ । ସଭାପତି ଭାବେ ନୀଳମଣି ଜାତୀୟ ପତାକା ଉତୋଳନ କଲେ । ନୀଳମଣି ଭାରତମାତାଙ୍କୁ ବିଦେଶୀ ଶାସନ କବଳରୁ ମୁକ୍ତ କରିବା ପାଇଁ ଆହ୍ୱାନ କରିଥିଲେ । ଏହାପରେ ଛାତ୍ରମାନଙ୍କ ଉପରେ ପୋଲିସ୍‌ର ଦମନ ଲୀଳା ଆରମ୍ଭ ହୋଇଗଲା । ବହୁ ଛାତ୍ର ଗିରଫ ହେଲେ । ନୀଳମଣି ଓ ବିବୁଧେନ୍ଦ୍ର ଉପରେ ୨୫ ଟଙ୍କା ଲେଖାଁଏ ଜୋରିମାନା ଓ କ୍ଷମା ପ୍ରାର୍ଥନା କରିବାକୁ ଅଧ୍ୟକ୍ଷ ପରଓ୍ୱାନ ଜାରି କଲେ । ଛାତ୍ରସଂଘ ଅନ୍ୟାୟ ଆଦେଶର ପ୍ରତିବାଦ କରି ଆନ୍ଦୋଳନ କରିବା ଓ ପରୀକ୍ଷା ବର୍ଜନ କରିବା ପାଇଁ ନିଷ୍ପତି ନେଲା । ରେଭେନ୍ସା କଲେଜ ପୋଲିସ୍ ଛାଉଣୀରେ ପରିଣତ ହେଲା । ବହୁ ଛାତ୍ର ଗିରଫ ହେଲେ । ଛାତ୍ରମାନେ ରାତିରେ ନିଜ ଜିନିଷପତ୍ର ମୁଣ୍ଡରେ ଧରି ଶୋଭାଯାତ୍ରା କରି ବାହାରି ଯିବା ସମୟରେ ପୋଲିସ୍ କଟକ ଜେଲଖାନା ନିକଟରେ ଛାତ୍ରମାନଙ୍କୁ ଗିରଫ କରିନେଲା । ନୀଳମଣି ଏକ ନାରୀ ବେଶରେ ପୋଲିସ୍‌କୁ ଚକ୍‌ମା ଦେଖାଇ ଖସିଗଲେ । ପରେ ନୀଳମଣି ଓ ବିଜୟ ଚନ୍ଦ୍ର ଦାସ ଗିରଫ ହୋଇ ଦଶ ଦିନ ଜେଲ୍‌ରେ ରହିଲେ । କେତେକ ବିଶିଷ୍ଟ ବ୍ୟକ୍ତି ସେମାନଙ୍କୁ ଜାମିନ୍‌ରେ ଆଣିଥିଲେ ।

ନୀଳମଣି ରେଭେନ୍ସା କଲେଜ ଓ ପାଟଣା ବିଶ୍ୱବିଦ୍ୟାଳୟରୁ ବହିଷ୍କାର ହେବାପରେ ଶେଷର ଡଃ. ଶ୍ୟାମପ୍ରସାଦ ମୁଖାର୍ଜୀଙ୍କ ଉଦ୍ୟମରେ ବିଦ୍ୟାସାଗର କଲେଜର ଚତୁର୍ଥ ବର୍ଷରେ ନାମ ଲେଖାଇଲେ । ବିଦ୍ୟାସାଗର କଲେଜରେ ଏକ ଛାତ୍ର ଧର୍ମଘଟ ହୋଇଥିଲା ସେଥିରେ ନୀଳମଣି ନେତୃତ୍ୱ ନେଇଥିଲେ । ଏହି ସମୟରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ନୀଳମଣିଙ୍କୁ ଡକାଇ ଓଡିଶାରେ କିପରି ଫରଓ୍ୱାର୍ଡ ବ୍ଲକ୍ ସଂଗଠିତ ହେବ ସେ ବିଷୟରେ ଆଲୋଚନା କରିଥିଲେ । ନୀଳମଣି ବିଦ୍ୟାସାଗର କଲେଜରୁ କୃତିତ୍ୱର ସହ ବି.ଏ. ପାଶ୍‌କରି ବନାରସ୍ ବିଶ୍ୱବିଦ୍ୟାଳୟରେ ଏମ୍.ଏ. ଓ ଆଇନ ଶ୍ରେଣୀରେ ନାମ ଲେଖାଇଲେ । ସେ ସମୟରେ ଡଃ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ବନାରସ୍ ବିଶ୍ୱବିଦ୍ୟାଳୟର ପ୍ରୋ-ଚାନ୍‌ସେଲର ଥିଲେ । ନୀଳମଣି ବିରଳା ଛାତ୍ରାବାସରେ ରହି ଆଇନ କଲେଜର ଅଧ୍ୟକ୍ଷ ଶ୍ରୀ ସୁବ୍ରମଣ୍ୟମ୍ ଓ ରାଜନୀତି ବିଜ୍ଞାନର ମୁଖ୍ୟ ଶ୍ରୀମୁକୁଟ ବିହାରି ଲାଲ୍‌ଙ୍କ ତତ୍ତ୍ୱାବଧାନରେ ପଢ଼ାପଢ଼ି କରୁଥିଲେ । ସେ ସମୟରେ ଭାରତୀୟ ଛାତ୍ରସଂଘର କର୍ମକର୍ତାମାନଙ୍କ ସହ ଭଲ ସଂପର୍କ ରଖିଥିଲେ । ରାଜ ନାରାୟଣ ଓ କେଦାର ପାଣ୍ଡଙ୍କ ସହ ମଧ୍ୟ ତାଙ୍କର ସୁସମ୍ପର୍କ ଥିଲା ।

୧୯୪୧ ଜୁନ୍ ୨୨ ତାରିଖରେ ଜର୍ମାନୀ ଋଷ ଉପରେ ଆକ୍ରମଣ କରିବାରୁ ଏହାକୁ ଜନଯୁଦ୍ଧର ଆଖ୍ୟାଦେଲେ । ୧୯୪୨ ମସିହା ପାଟଣାଠାରେ ନିଖିଳ ଭାରତ ଛାତ୍ରସଂଘର ଏକ ଅଧିବେଶନ ବସିଲା । ଏଥିରେ ଓଡିଶାରୁ ସାମ୍ୟବାଦୀ ଛାତ୍ରନେତା ବିଜୟଚନ୍ଦ୍ର ଦାସ, ଗଙ୍ଗାଧର ରଥ, ଦୁର୍ଗାଚରଣ ମହାନ୍ତି ଓ ନୀଳମଣି ବନାରସ୍ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରତିନିଧି ଭାବରେ ଯୋଗଦେଇଥିଲେ । ଛାତ୍ର ସଂଘ ସମ୍ମିଳନୀରେ ଜନଯୁଦ୍ଧ ପ୍ରସ୍ତାବକୁ ନୀଳମଣି ଘୋର ବିରୋଧ କରିଥିଲେ । ୧୯୪୨ ଅଗଷ୍ଟ ଆଠ ତାରିଖରେ ବମ୍ବେଠାରେ ଜାତୀୟ କଂଗ୍ରେସ ‘ଭାରତଛାଡ଼୍’ ପ୍ରସ୍ତାବ ଗ୍ରହଣ କରିଥିଲା । ବନାରସ୍‌ରେ ଛାତ୍ରମାନଙ୍କର ଏକ ଜରୁରୀ ବୈଠକ ବସି ‘ଭାରତ ଛାଡ’ ଆନ୍ଦୋଳନ କରାଯିବ ସ୍ଥିର ହେଲା । ନୀଳମଣିଙ୍କ ସହିତ ସମାଜବାଦୀ ଛାତ୍ରନେତା ରାଜନାରାୟଣ ଓ କେଦାର ପାଣ୍ଡେ ଛାତ୍ରମାନଙ୍କର ନେତୃତ୍ୱ ନେଇଥିଲେ । ନୀଳମଣି ଗିରଫ ହେବା ପୂର୍ବରୁ ଛାତ୍ରାବାସରୁ ଖସି ପଳାଇଲେ । ବନାରସରୁ ନୀଳମଣିଙ୍କୁ ବହିଷ୍କାର କରିବା ପାଇଁ ଡିଭିଜନାଲ କମିଶିନର ଆଦେଶ ଜାରି କରିଥିଲେ । ନୀଳମଣି ଲୁଚି ଛପି ଛାତ୍ରନେତାମାନଙ୍କ ସହ ବନାରସରେ ‘ଭାରତ ଛାଡ’ ଆନ୍ଦୋଳନକୁ ଆଗେଇନେବାର ପ୍ରଚେଷ୍ଟା ଜାରିରଖିଲେ । ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟିର ସଭାପତି ମହମ୍ମଦ ହନିଫଙ୍କ ଠାରୁ ଭଦ୍ରକ ଆସି ଆନ୍ଦୋଳନରେ ସାହାର୍ଯ୍ୟ କରିବା ପାଇଁ ଖଣ୍ଡେ ଚିଠି ପାଇଲେ । ତେଣୁ ଲୁଚି ଛପି ଆସି ନିଜ ଗାଁରେ ପହଁଚିଲେ । କଂଗ୍ରେସ କର୍ମୀ ଓ ସମର୍ଥକମାନଙ୍କ ସଙ୍ଗେ ନୀଳମଣି ସଂପର୍କ ରଖି ଭାରତଛାଡ ଆନ୍ଦୋଳନକୁ ସକ୍ରିୟ କରିବାରେ ଲାଗିପଡିଲେ । ପୀରହାଟ, ତିହିଡି ପ୍ରଭୃତି ସ୍ଥାନରେ ଗୁପ୍ତ ବୈଠକ କରି ଭଦ୍ରକ - ବାନ୍ଦବାଲି ଟେଲିଫୋନ ଯୋଗାଯୋଗ ଓ ଡାକ ଚଳାଚଳ ବ୍ୟବସ୍ଥା ସଂପୂର୍ଣ୍ଣ ଅଚଳ କରିଦିଆଗଲା । ନୀଳମଣି ଡହଁରା ଗାଁରେ ଲୁଚିକରି ଆଶ୍ରୟ ନେଲେ । ପାଣି କାଦୁଅରେ ବୁଲିବୁଲି ଭିନ୍ନ ଭିନ୍ନ ଗାଁକୁ ଗଲେ । କର, ଟିକସ, ଖଜଣା, ସରକାରଙ୍କୁ ନ ଦେବାପାଇଁ ମତାଇଲେ । ନୀଳମଣି ଲୁଚିକରି ବିଲ ରାସ୍ତାରେ ଗାଁ କୁ ଗାଁ ବୁଲିବା ସମୟରେ ତାଙ୍କ ଗୋଡ କଟିଗଲା । ସେ ଅସୁସ୍ଥ ହୋଇପଡିଲେ । ତାଙ୍କ ଭାଇ ଖବର ପାଇ ଗାଁକୁ ନେଇଗଲେ । ପୋଲିସ୍ ଖବର ପାଇ ଅତର୍କିତ ଭାବେ ଘର ଉପରେ ଚଢ଼ାଉ କଲେ ଓ ନୀଳମଣିଙ୍କୁ ଗିରଫ କରିନେଲେ । ବିଚାରରେ ତାଙ୍କୁ ୧ ବର୍ଷ ଅଶ୍ରମ କାରାଦଣ୍ଡ ଦିଆଗଲା । ଅନ୍ୟ ବନ୍ଦୀମାନଙ୍କ ସହିତ ନୀଳମଣିଙ୍କୁ ହାତକଡି ଓ ଅଂଟାରେ ଦଉଡି ବାନ୍ଧି ଭଦ୍ରକ ଜେଲ୍‌ରୁ ରେଲଷ୍ଟେସନ୍ ପର୍ଯ୍ୟନ୍ତ ଚଲାଇ ଚଲାଇ ନିଆଗଲା ।

ବାଲେଶ୍ୱର ଜେଲରେ ନୀଳମଣି ଉଚ୍ଚ ଶ୍ରେଣିର ବନ୍ଦୀ ରୂପେ ରାଜନେତାମାନଙ୍କ ସହିତ ରହିଲେ । ୧୯୪୩ ମସିହା ଅଗଷ୍ଟ ୧୭ ତାରିଖରେ ନୀଳମଣି ଖଲାସ୍ ହେଲେ ପୋଲିସ୍ ଆସିଲା ବେଳକୁ ନୀଳମଣି ଚମ୍ପଟ୍ । ରାତିରେ ଚାଲି ଚାଲି ଆଠ ମାଇଲ ଦୂର ହଳଦୀପଦା ଷ୍ଟେସନରୁ ରେଳଯୋଗେ କଲିକତା ଚାଲିଗଲେ । ଭାଇଙ୍କ ପାଖରେ ରହି ଆଇନ୍ ଶ୍ରେଣୀରେ ନାମ ଲେଖାଇ ପଢ଼ିଲେ ଓ ପାସ୍ କଲେ । ୧୯୪୭ରେ ଡିଗ୍ରୀ ହାସଲ କରି ନୀଳମଣି କଟକରେ ରାଜକିଶୋର ଦାସଙ୍କର ଜୁନିୟର ଓକିଲ ଭାବେ କାମ ଆରମ୍ଭକଲେ । ପ୍ରଜାତନ୍ତ୍ରର ମୁଖ୍ୟ ପରିଚାଳକ ଭାବେ ଦାୟିତ୍ୱ ଗ୍ରହଣ କଲେ । ତାଙ୍କ ଚେଷ୍ଟାରେ ପ୍ରଜାତନ୍ତ୍ର ଏକ ଟ୍ରଷ୍ଟରେ ପରିଣତ ହେଲା । ସେ ଜଣେ ଟ୍ରଷ୍ଟି ରହିଲେ । ନୀଳମଣି ସୋରୋ ବିଧାନସଭା ଆସନରୁ ନିର୍ବାଚିତ ହୋଇ ୧୯୪୮ ମସିହା ଜୁଲାଇ ୧୨ ତାରିଖ ଦିନ ଏଗାରଟା ବେଳେ ଓଡିଶା ବିଧାନସଭାରେ ସଦସ୍ୟଭାବେ ଶପଥ ନେଇଥିଲେ । ବାଚସ୍ପତି ଲାଲ୍ ମୋହନ ପଟ୍ଟନାୟକ ନୀଳମଣିଙ୍କୁ ଶପଥ ପାଠ କରାଇଥିଲେ ।

୧୯୪୯ ମସିହାରେ ନୀଳମଣି ନଳିନୀ ଦେବୀଙ୍କୁ ଭଲ ପାଇ ବୈଦିକ ରୀତିରେ ନିରାଡମ୍ବର ଭାବେ ବିବାହ କରିଥିଲେ । ନଳୀନୀ ଦେବୀଙ୍କର ଓଡିଆ, ବଙ୍ଗଳା, ଓ ହିନ୍ଦି ସାହିତ୍ୟରେ ବିଶେଷ ଦଖଲ ଥିଲା । ତାଙ୍କ ସଂପାଦନାରେ ‘ମରୁତୀର୍ଥ’ ନାମକ ମାସିକ ପତ୍ରିକା ପ୍ରକାଶିତ ହେଉଥିଲା । ୧୯୫୦ ଜୁଲାଇ ୨୮ରେ ତାଙ୍କର ଏକମାତ୍ର ପୁତ୍ର ବିଜୟଶ୍ରୀ ରାଉତରାୟ ଜନ୍ମ ହୋଇଥିଲା । ୧୯୫୨ରେ ନୀଳମଣି ଧାମନଗର ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀଭାବେ ବିଜୟ ଲାଭ କରି, ନବକୃଷ୍ଣ ଚୌଧୁରୀଙ୍କ ମନ୍ତ୍ରୀମଣ୍ଡଳରେ ଉପମନ୍ତ୍ରୀ ଭାବେ ଫେବୃୟାରୀ ୨୦ ତାରିଖରେ ଶପଥ ଗ୍ରହଣ କରିଥିଲେ । ୧୯୫୨ରୁ ୧୯୫୭ ପର୍ଯ୍ୟନ୍ତ ଘରୋଇ ବିଭାଗର ଉପମନ୍ତ୍ରୀ ରହି ଦକ୍ଷତାର ପରିଚୟ ଦେଇଥିଲେ । ୧୯୫୭ରେ ନୀଳମଣି ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରୁ ବିଜୟ ଲାଭକରି ହରେକୃଷ୍ଣ ମହତାବଙ୍କ ମିଳିତ ମନ୍ତ୍ରୀମଣ୍ଡଳରେ ଯୋଗାଣ, ପରିବହନ ଓ ଶ୍ରମ ବିଭାଗର କ୍ୟାବିନେଟ୍ ମନ୍ତ୍ରୀଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ୧୯୫୯ରେ ମନ୍ତ୍ରୀମଣ୍ଡଳ ସଂପ୍ରସାରିତ ହେଲା । ନୀଳମଣି ସେଥିରେ ଯୋଗାଣ ଓ ବାଣିଜ୍ୟ ବିଭାଗର କ୍ୟାବିନେଟ ମନ୍ତ୍ରୀ ହେଲେ । ୧୯୬୧ରେ ବିଜୁ ପଟ୍ଟନାୟକଙ୍କ ମନ୍ତ୍ରୀମଣ୍ଡଳରେ ନୀଳମଣି ଘରୋଇ, ବାଣିଜ୍ୟ, ଶ୍ରମ ଓ ଯୋଗାଣ ବିଭାଗର କ୍ୟାବିନେଟ ମନ୍ତ୍ରୀ ହେଲେ । କାମରାଜ ଯୋଜନାରେ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ପଦରୁ ଗଲେ । ୧୯୬୩ ଅକ୍ଟୋବର ଦୁଇ ତାରିଖରେ ବୀରେନ୍ ମିତ୍ର ମୁଖ୍ୟମନ୍ତ୍ରୀ ହେଲେ । ଏହି ମନ୍ତ୍ରୀମଣ୍ଡଳରେ ନୀଳମଣି ରାଜନୈତିକ ଓ ପ୍ରଶାସନ, ଘରୋଇ, ଶ୍ରମ ଓ ଯୋଗାଣ ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ହେଲେ । ୧୯୬୭ରେ ନୀଳମଣି ପ୍ରଦେଶ କଂଗ୍ରେସର ସଭାପତି ଭାବେ ଚାରିବର୍ଷ ରହିଲେ । ୧୯୭୧ ମସିହାରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ଘରୋଇ, ଖଣି ଓ ଭୂତତ୍ୱ, ଯୋଗାଣ ବିଭାଗର ମନ୍ତ୍ରୀ ରହିଲେ । ନନ୍ଦିନୀ ଶତପଥୀଙ୍କ ମନ୍ତ୍ରୀମଣ୍ଡଳରେ ସେ ଉପମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ । ୧୯୭୬ରେ ସେ ରାଜ୍ୟସଭା ସଦସ୍ୟ ଭାବେ ରହିଥିଲେ । କେନ୍ଦ୍ରରେ ଜନତା ସରକାର ଗଠିତ ହେବାପରେ ଓଡିଶା ସମେତ ୯ ଟି ରାଜ୍ୟର କଂଗ୍ରେସ ସରକାରଙ୍କୁ ଭାଙ୍ଗି ଦିଆଗଲା । ମଧ୍ୟବର୍ତୀକାଳୀନ ନିର୍ବାଚନ କରାଗଲା । ବାସୁଦେବପୁର ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହୋଇ ନୀଳମଣି ବିଜୟ ଲାଭ କଲେ । ୧୯୭୭ ଜୁନ୍ ୨୬ ତାରିଖରେ ନୀଳମଣି ରାଉତରାୟ ଓଡିଶାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କଲେ । ୧୯୮୯ ନିର୍ବାଚନରେ ପୁରୀ ଲୋକସଭା ଆସନରୁ ନିର୍ବାଚିତ ହୋଇ ଭି.ପି. ସିଂହଙ୍କ ମନ୍ତ୍ରୀମଣ୍ଡଳରେ ପ୍ରଥମେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଓ ପରେ ଜଙ୍ଗଲ ଓ ପରିବେଶ ବିଭାଗର କ୍ୟାବିନେଟ ମନ୍ତ୍ରୀ ହୋଇଥିଲେ ।

ନୀଳମଣି ରାଉତରାୟ ପିଲାବେଳରୁ ଛୋଟ ବିପ୍ଳବୀ ଭାବେ ସ୍ୱାଧିନତା ଆନ୍ଦୋଳନରେ ଯୋଗଦେଇ ଓଡିଶାର ରାଜନୀତିରେ ଷାଠିଏ ବର୍ଷରୁ ଅଧିକ କାଳ ଜଡିତ ଥିଲେ । ସେ ବିଧାୟକରୁ ସାସଂଦ, ଉପମନ୍ତ୍ରୀରୁ ମନ୍ତ୍ରୀ, ଉପମୁଖ୍ୟ ମନ୍ତ୍ରୀରୁ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଭାବେ ଆସନ ଅଳଙ୍କୃତ କରି ସେ ଜଣେ ଖ୍ୟାତନାମା ସମାଜସେବୀ, ସାମ୍ବାଦିକ, ରାଜନିତିଜ୍ଞ ଓ ପ୍ରଶାସକ ଭାବେ ଉଭା ହୋଇଥିଲେ । ତାଙ୍କର ସରଳ ଓ ନମ୍ର ବ୍ୟବହାର ପାଇଁ ସେ ଜନସାଧାରଣଙ୍କର ସ୍ନେହ ଓ ଶ୍ରଦ୍ଧା ଲାଭ କରିଥିଲେ । ଶେଷ ସମୟରେ ଲେଖା ପଢ଼ାରେ ସମୟ ଅତିବାହିତ କରିଥିଲେ । ଏହି ମହାନ୍ ଜନନାୟକ ୨୦୦୪ ମସିହା ଅକ୍ଟୋବର ମାସ ୪ ତାରିଖ ଦିନ ଇହଲିଳା ସମ୍ବରଣ କରିଥିଲେ ।

ପାରାଦ୍ୱୀପଗଡ଼,
କୁଜଙ୍ଗ, ଜଗତ୍‌ସିଂହପୁର
ମୋ. ନଂ. : ୯୯୩୭୬୯୧୪୭୫

# ଜିଲ୍ଲା ଆପତକାଳୀନ ବୈଠକ




ଖୋର୍ଦ୍ଧା : ଖୋର୍ଦ୍ଧା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସନତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଆପତକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି ।ଖୋର୍ଦ୍ଧା ସହରରରେ ଦିନକୁଦିନ ବହୁ ସଂଖ୍ୟାରେ ଶିଳ୍ପ ଓ କଳକାରଖାନା ଗଢି ଉଠିଥିବା ସମୟରେ ଦୁର୍ଘଟଣାକୁ ରୋକିବା, ରାସାୟନିକ ପ୍ରତିକ୍ରିୟାକୁ ନିୟନ୍ତ୍ରଣ କରିବା ଓ ଧନ ଜୀବନକୁ କିପରି ରକ୍ଷା ହୋଇପାରିବ ସେଥିପ୍ରତି ଦୃଷ୍ଟିଦେବା ଉଚିତ ।ଅପର ପକ୍ଷରେ କଳକାରଖାନାରୁ ନିର୍ଗତ ହେଉଥିବା ବିଷାକ୍ତ ଧୂଆଁ ପରିବେଶକୁ ପ୍ରଦୁଷିତ କରୁଥିବାରୁ ଏଥିରୁ ନିବୃତ ରହିବା ପାଇଁ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିବା ଉଚିତ। ଦୁର୍ଘଟଣାରେ ଆହତ ହୋଇଥିବା ବ୍ୟକ୍ତି ବିଶେଷଙ୍କୁ ସମସ୍ତ ଚିକିତ୍ସା ସୁବିଧା ଯୋଗାଇ ସେମାନଙ୍କ ଜୀବନ ରକ୍ଷା କରିବା ଉଚିତ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ବିଶ୍ୱ ରଞ୍ଜନ ପତି କହିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ଜରୁରୀ କାଳୀନ ପୋଗ୍ରାମ ଅଫିସର ସଚ୍ଚିଦାନନ୍ଦ ପତି କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସୂଚନା ଦେଇଥିବା ବେଳେ ଡେପୁଟି କଲେକ୍ଟର ଇମରଜେନସି ସଂଘମିତ୍ରା ଜେନା ଧନ୍ୟବାଦ ଦେଇଥିଲେ ।ଏଥିରେ ଶିଳ୍ପ ସଂସ୍ଥାର ଅଧିକାରୀ ଓ କର୍ମଚାରୀ ମାନେ ଯୋଗ ଦେଇଥିଲେ ।

# ପ୍ରିୟଙ୍କା ଗାନ୍ଧୀଙ୍କୁ ଗିରଫ ପ୍ରତିବାଦରେ ମୋଦି , ଯୋଗୀଙ୍କ କୁଶ ପୁତଳିକା ଦାହକଲା କଂଗ୍ରେସ

ଭୁବନେଶ୍ୱର: ଉତ୍ତରପ୍ରଦେଶର ଲକ୍ଷ୍ମୀପୁର ଖେରି ଜିଲ୍ଲାରେ ଶାନ୍ତିପୂର୍ଣ୍ଣ ଭାବରେ କଳାପତାକା ଧରି ପ୍ରତିବାଦ କରୁଥିବା କୃଷକମାନଙ୍କୁ ହତ୍ୟା କରାଯିବାଏବଂ ସର୍ବଭାରତୀୟ ଜାତୀୟ କଂଗ୍ରେସର ସାଧାରଣ ସମ୍ପାଦିକା ଶ୍ରୀମତୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ଲୋକସଭାର ସାଂସଦ ଦୀପେନ୍ଦ୍ର ସିଂ ହୋଡ଼ାଙ୍କୁ ଲକ୍ଷ୍ନୌ ବିମାନ ବନ୍ଦରରେ ଉତରପ୍ରଦେଶ ପୋଲିସ୍ ବିନା କୌଣସି ଏଫ୍.ଆଇଆର ବା ଆରେଷ୍ଟ ଓ୍ୱାରେଂଟରେ ଗିରଫ କରିବା ପ୍ରତିବାଦରେ ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ମାଷ୍ଟରକ୍ୟାଂଟିନ ଛକଠାରେ ଏକ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ଉଭୟ ଉତ ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଗୃହମନ୍ତ୍ରୀ ଅମିତ ଶାହାଙ୍କ କୁଶ ପୁତଳିକା ଦାହ କରାଯାଇଛି । ପ୍ରଦେଶ କଂଗ୍ରେସ ସାରା ରାଜ୍ୟରେ ପ୍ରତ୍ୟେକ ଗ୍ରାମାଂଚଳକୁ ଭାରତୀୟ ଜନତା ପାର୍ଟିର ଏହି ହିଟଲରୀ ଶାସନ ବ୍ୟବସ୍ଥା ତଥା ଗଣହତ୍ୟାକୁ ନେଇ ଲୋକମାନଙ୍କୁ ସଚେତନ କରାଇବ ଏବଂ ଆସନ୍ତା ଦିନରେ ଭାରତୀୟ ଜନତା ପାର୍ଟିର ପ୍ରତ୍ୟେକ ନେତୃବର୍ଗଙ୍କୁ ଓଡ଼ିଶାରେ ମୁହଁତୋଡ଼ ଜବାବ ଦିଆଯିବ । ଏହି ପ୍ରତିବାଦ ସଭାରେ ପ୍ରଦେଶ କଂଗ୍ରେସର କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ, ରାଜ୍ୟସଭା ସାଂସଦ ଶ୍ରୀମତୀ ରଜନୀ ପାଟିଲ, ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା, ବିଧାୟକ ସୁରେଶ କୁମାର ରାଉତରାୟ, ଶରତ ରାଉତ, ଗଣେଶ୍ୱର ବେହେରା, ଶିବାନନ୍ଦ ରାୟ, ସୁରେଶ ମହାପାତ୍ର, ବିଜୟଲକ୍ଷ୍ମୀ ସାହୁ, ମହିଳା କଂଗ୍ରେସ ସଭାପତି ବନ୍ଦିତା ପରିଡ଼ା, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାସ, ପ୍ରଦେଶ କଂଗ୍ରେସର ସାଧାରଣ ସମ୍ପାଦକ ଜାନକୀ ବଲ୍ଲଭ ପଟ୍ଟନାୟକ, ରଶ୍ମି ମହାପାତ୍ର, ଅମୀୟ ପଟ୍ଟନାୟକ, ପଦ୍ମାକର ଗୁରୁ, ଅଭିଶେକ ମହାନନ୍ଦ, କନକଲତା ମଲ୍ଲିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ମନସ୍ତତ୍ୱ ବିଭାଗ ହୀରକ ଜୟନ୍ତୀ ଲୋଗୋ ଉନ୍ମୋଚିତ

ଭୁବନେଶ୍ୱର: ଉତ୍କଳ ବିଶ୍ୱବିଦ୍ୟାଳୟର ମନସ୍ତତ୍ୱ ବିଭାଗର ହୀରକ ଜୟନ୍ତୀର ଉଦଘାଟନୀ ଉତ୍ସବ ଭର୍ଚୁଆଲ୍ ମାଧ୍ୟମରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ହୀରକ ଜୟନ୍ତୀର ପ୍ରତୀକାତ୍ମକ ଚିହ୍ନ ବା ଲୋଗୋ ଉନ୍ମୋଚିତ ହୋଇଥିଲା। ହୀରକ ଜୟନ୍ତୀ ବର୍ଷ ନିମନ୍ତେ ଆୟୋଜିତ ହେବାକୁ ଥିବା ସମସ୍ତ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ ହୋଇଥିଲା ।ଉତ୍କଳ ବିଶ୍ୱବିଦ୍ୟାଳୟ ମନସ୍ତତ୍ୱ ବିଭାଗର ହୀରକ ଜୟନ୍ତୀ ଭବ୍ୟ ସମାରୋହକୁ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଉଦଘାଟନ କରିଥିଲେ। ଏହି ଅବସରରେ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ପୁରାତନ ଛାତ୍ରଛାତ୍ରୀ , ପ୍ରାଧ୍ୟାପକ ବୃନ୍ଦ , ରିସର୍ଚ୍ଚ ସ୍କଲାର୍ ଏବଂ ଭାରତ ତଥା ବିଦେଶ ସ୍ଥିତ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିଥିଲେ । ଦେଶରେ ମନସ୍ତତ୍ୱର ପ୍ରଥମ ୟୁଜିସି ଉନ୍ନତ ଶିକ୍ଷାର କେନ୍ଦ୍ରସ୍ଥଳୀ (ୟୁଜିସି ସେଂଟର ଅଫ୍ ଆଡ଼ଭାନ୍ସଡ଼୍ ଷ୍ଟଡି) ହେବାର ସମ୍ମାନ ପାଇଥିବା ଏହି ବିଭାଗର ଗୌରବପୂର୍ଣ୍ଣ ଅତୀତ ଉପରେ ସେ ଆଲୋକପାତ କରିଥିଲେ । ସେ ଏହି ବିଭାଗରୁ ସୃଷ୍ଟ ଦେଶ ବିଦେଶରେ ଅବସ୍ଥାପିତ ଅନେକ ଅଧ୍ୟାପକ, ବିଶେଷଜ୍ଞ ମାନଙ୍କର ଅବଦାନ ସବୁର ମହତ୍ୱ ପ୍ରତିପାଦନ କରିଥିଲେ। ଏହି ବିଭାଗ ସୃଷ୍ଟ ସୁଯୋଗ୍ୟ ତଥା ଦକ୍ଷ ବ୍ୟକ୍ତିତ୍ୱ ମାନଙ୍କ ମଧ୍ୟରେ ଓଡ଼ିଶାରେ ମନସ୍ତତ୍ୱର ପ୍ରତିଷ୍ଠାତା ତଥା ଜନକ ସ୍ୱର୍ଗତ ପ୍ରଫେସର ରାଧାନାଥ ରଥ , ପ୍ରଫେସର ଜେ.ପି ଦାସ , ପ୍ରଫେସର ସରୋଜ ମିଶ୍ର , ସ୍ୱର୍ଗତ ପ୍ରଫେସର ବି.ଏନ୍ ପୁହାଣ , ପ୍ରଫେସର ଅଜିତ୍ କୁମାର ମହାନ୍ତି , ପ୍ରଫେସର ଉଦୟ ନାଥ ଦାଶ ଓ ଅନ୍ୟାନ୍ୟ ବ୍ୟକ୍ତି ବିଶିଷ୍ଟଙ୍କ ସମ୍ବନ୍ଧରେ ଆଲୋଚନା କରିଥିଲେ ।ଏହି ସମାରୋହରେ କାନାଡ଼ାସ୍ଥିତ ଜେ.ପି ଦାସ ବିକାଶାତ୍ମକ ଓ ଶିକ୍ଷାଗତ ଅକ୍ଷମତା କେନ୍ଦ୍ରର ନିର୍ଦ୍ଦେଶକ ଏବଂ ଆଲବର୍ଟା ବିଶ୍ୱବିଦ୍ୟାଳୟର ମନସ୍ତତ୍ୱ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଫେସର ଜେ. ପି ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେ ହେଉଛନ୍ତି ବିଶ୍ୱ ବିଖ୍ୟାତ ସଂଜ୍ଞାନାତ୍ମକ ମନୋସ୍ତତ୍ୱବିତ୍ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ, ମନସ୍ତତ୍ୱ ବିଭାଗର ପୂର୍ବତନ ପ୍ରାଧ୍ୟାପକ ।

# ମାଟି ଏବଂ ପଲିଥିନ୍ ଘରେ ବିତୁଛି ଜୀବନ

ଘଟଗାଁ(ପିଏନ)-ଉଭୟ କେନ୍ଦ୍ର ଏବଂ ରାଜ୍ୟ ପ୍ରତ୍ୟେକ ଦିନ ଅନେକ ଗରିବ ବାସହରା ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ବିଜୁ ପକ୍କା ଘର କିମ୍ବା କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଭୁକ୍ତ କରାଇ ଘର ଯୋଗାଉଥିବା ଦେଖିବାକୁ ମିଳୁଥିବା ବେଳେ ଅନେକ ଲୋକ ଆଜିବି ଝାଟି ମାଟି ଏବଂ ପାଲ ପଲିଥିନ୍ ଘରେ ଜୀବନ ବିତାଉଥିବା ଦେଖିବାକୁ ମିଳୁଛି । ଏଭଳି ଏକ ଅବିକଳ ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରୀପଶୀ ଗାଁରେ । ଗାଁର ଚରଣ ମୁଣ୍ଡା ଆଜକୁ ତିନି ବର୍ଷ ହେବ ଏକ ଝାଟି, ପିଲିଥିନ୍‌କୁ ଘରର କାନ୍ଥ କରି ରହୁଥିବା ଦେଖିବାକୁ ମିଳୁଛି । ଚରଣ ଦିନ ମଜୁରୀଆ ହୋଇଥିବାରୁ ଘର ଖଣ୍ଡିଏ ବନାଇବାକୁ ସକ୍ଷମ ନାହିଁ ତାର । କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରିପଶୀ ଗାଁର ରାଜାବନ୍ଧ ସାହିର ଚରଣ ମୁଣ୍ଡା । ବୟସ ପାଖାପାଖି ୪୦ ହେବ । ପରିବାରରେ ସ୍ତ୍ରୀ ସହିତ ତିନୋଟି ପୁଅ । ଚରଣ ଜଣେ ଦିନ ମଜୁରୀଆ ଖଟିଖିଆ ଲୋକ । ପ୍ରତ୍ୟେକ ଦିନ ଯାହା ମୁଲମଜୁରି କରି ଆଣିଥାଏ, ସେସବୁ ପରିବାରର ଖାଇବାକୁ ମଧ୍ୟ ଅଂଟେନାହିଁ । ପୂର୍ବରୁ ସେ ବରାହଟିପୁରା ଗାଁରେ ରହୁଥିଲେ, ବାପା ଚାଲି ଗଲା ପରେ ବାସ ହରା ହୋଇ ଆଜକୁ ତିନି ବର୍ଷ ହେବ ସୁନାରିପଶି ଗାଁର ରଜାବନ୍ଧ ସାହିରେ ରହୁଛନ୍ତି । ଚରଣ ସ୍ତ୍ରୀ ସହିତ ତିନି ପୁଅଙ୍କୁ ନେଇ ନାହିଁ ନଥିବା ଅଭାବ ଅନଟନରେ ଜୀବନ ବିତାଉଛନ୍ତି । ଠିକ୍‌ସେ ନିଜ ପରିବାରର ଗୁଜରାଣ ମେଂଟାଇପାରୁ ନଥିବା ଚରଣ ଘର ଖଣ୍ଡିଏ ବନାଇବା ପାଇଁ ତା ପାଖରେ ସମ୍ବଳ ନାହିଁ । ଯାହାଫଳରେ ଆଜକୁ ତିନି ବର୍ଷରୁ ଊର୍ଦ୍ଧ୍ୱ ହେବ ଝାଟି, ପଲିଥିନକୁ କାନ୍ଥ କରି ଗୋଟିଏ ଝାଟି ଘରେ ରହୁଛନ୍ତି । ଘର ଖଣ୍ଡିଏ ପାଇଁ ବାରମ୍ବାର ବ୍ଲକ୍ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାଙ୍କ ପାଇଁ ସରକାଙ୍ଗ ପ୍ରଧାନ ମନ୍ତ୍ରୀ ଏବଂ ବିଜୁ ବିଜୁ ପକ୍କା ଘର ଯୋଜନା ସାତସପନ । ତେବେ ବାସ ହରା ଲୋକମାନଙ୍କ ପାଇଁ ସରକାର ମାଳ ମାଳ ଯୋଜନା କରୁଥିଲେ ମଧ୍ୟ ଆଜିବି ଅନେକ ଲୋକ ଏଭଳି ଅବସ୍ଥାରେ ଝାଟି, ପଲିଥିନ୍‌କୁ କାନ୍ଥ କରି ରହୁଛନ୍ତି । ଚରଣ ମଧ୍ୟ ଆଜକୁ ତିନି ବର୍ଷ ହେବ ଏହି ଝାଟିମାଟିରେ ତିଆରି କାନ୍ଥ ପାଂଚ ଜଣ ପରିବାରକୁ ନେଇ ଏଭଳି ଦୁର୍ଦ୍ଦିନରେ ରହୁଛି । ତେବେ ଆମ ପ୍ରତିନିଧି ଚରଣଙ୍କ କରୁଣ କାହାଣୀ ଘଟଗାଁ ବିଡିଓଙ୍କ ପାଖରେ ଅବଗତ କରାଇବାରୁ ସେ ଖୁବଶିଘ୍ର ସରକାରଙ୍କ ଆବାସ କିମ୍ବା ପକ୍କା ଘର ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଘର ଖଣ୍ଡିଏ ଦେବାର ବ୍ୟବସ୍ଥା କରିବେ ବୋଲି ପ୍ରତିସୃତି ଦେଇଛନ୍ତିମ ।

# ଗଡଖୋର୍ଦ୍ଧାଓ ବାଟ ମଙ୍ଗଳା ଛକରେ ଅଣ୍ଡର ପାସ ନିର୍ମାଣ ପାଇଁ ଜିଲ୍ଲାପାଳଙ୍କୁ ଦାବୀପତ୍ର



ଖୋର୍ଦ୍ଧା: ଗଡ ଖୋର୍ଦ୍ଧା ଓ ବାଟ ମଙ୍ଗଳା ଛକରେ ଅଣ୍ଡର ପାସ ନିର୍ମାଣ ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଉ ଥିଙ୍କିଙ୍ଗ ଫୋରମର ସଭାପତି ନରେନ୍ଦ୍ର କୁମାର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି ।ଚଳିତ ବର୍ଷ ଏପ୍ରିଲ ମାସ ୩ ତାରିଖ ଦିନ ଜିଲ୍ଲାପାଳ ଅଫିସ ଛକରେ ଫ୍ଲାଏ ଓଭର ବ୍ରିଜ,ଗଡ ଖୋର୍ଦ୍ଧା ଓ ବାଟ ମଙ୍ଗଳା ଛକ ଠାରେ ଦୁଇଟି ଭେଇକିଲ ଅଣ୍ଡର ପାସ ନିର୍ମାଣ ପାଇଁ ଆନ୍ଦୋଳନ କରାଯାଇଥିଲା । ସରକାର କେବଳ ଜିଲ୍ଲାପାଳ ଅଫିସ ଛକ ଉପରେ କେ ଫ୍ଲାଇ ଓଭର ବ୍ରିଜ ନିର୍ମାଣ କରିବା ପାଇଁ ଟଙ୍କା ମଞ୍ଜୁର ଦେଇଥିଲେ। ବର୍ତମାନ ପରିସ୍ଥିତିରେ ଗଡଖୋର୍ଦ୍ଧା ଛକଠାରେ ପ୍ରତିଦିନ ଛୋଟବଡ ଦୁର୍ଘଟଣା ଘଟି ବହୁ ଲୋକପ୍ରାଣ ହରାଉ ଥିବାର ଦେଖିବାକୁ ମିଳୁଛି ।ଭୁବନେଶ୍ୱରରୁ ଆସୁଥିବା ଯାତ୍ରୀବାହୀ ବସ,ଭାରୀଯାନ ଗୁଡିକ ଖୋର୍ଦ୍ଧା ସହରକୁ ଆସିବାକୁ ହେଲେ ବାଟ ମଙ୍ଗଳାଛକ ଠାରେ ଏକମାତ୍ର ଅଣ୍ଡର ପାସ ରାସ୍ତା ନିର୍ମାଣ କରାଯାଇଥିଲେ ମଧ୍ୟ ତାହା ଅତ୍ୟନ୍ତ ନିଚ୍ଚ ଥିବାରୁ ତାହା ମଧ୍ୟଦେଇ କୌଣସି ଯାନବାହାନ ଯାତାୟତ କରିପାରୁ ନାହିଁ । ଏଥିପାଇଁ ଦୁଇଟି ସ୍ଥାନରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅଣ୍ଡରପାସ ନିର୍ମାଣ ପାଇଁ ଅନୁଷ୍ଠାନର ସଦସ୍ୟ ଆଇନଜୀବୀ ବିଚିତ୍ର ବଡଜେନା, ଶିଶିର ପରିଡା,ବିଜୟ ସାମନ୍ତସିଂହାର,ବିକ୍ରମ ଚମ୍ପତି, ଫୋରମର ସମ୍ପାଦକ ସଞ୍ଜୟ ପଟ୍ଟନାୟକ, ସମାଜସେବୀ ପ୍ରକାଶ ସାମନ୍ତରାୟ,ରାମଶଙ୍କର,ବିପ୍ର ବେହେରା, ଜୟକୃଷ୍ଣ ମହାପାତ୍ର, କେଫାତୁଲ୍ଲା ଖାଁ,ଅମିତ ମହାନ୍ତି, ରଣଜିତ ମହାପାତ୍ର, ପଦ୍ମ ଚରଣ ରାୟ,ପ୍ରମୋଦ ପଟ୍ଟନାୟକ,ସୁବାଷ ସାମନ୍ତରାୟ, ପ୍ରଦୋଷ ହରିଚନ୍ଦନ,ରମେଶ ସ୍ୱାଇଁ,ଶିବ ନାରାୟଣ ଦାସ, ଶମ୍ଭୁପଟ୍ଟନାୟକ, ଦାଶରଥି ସାହୁ, ମହମ୍ମଦ ଅକତର ହୁସେନ, ଏମଡି ତାହିର,ପ୍ରଦୋଷ ସାହୁ,ଜାନକୀ ବଲ୍ଲଭ ଓ ଅଜୟ ସାହୁ ପ୍ରମୁଖ ଉପସ୍ଥିତ ରହି ଦାବୀପତ୍ରଟିକୁ ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ ।




Bhubaneswar Friday October 08, 2021 ଭୁବନେଶ୍ୱର ଶୁକ୍ରବାର, ଅକ୍ଟୋବର ୦୮,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com

# ବେଦାନ୍ତ ଆଲୁମିନିୟମକୁ 'ବେଷ୍ଟ ଇନ୍ ଫିୟୁଚର ଅଫ ଡିଜିଟାଲ୍ ଇନଫ୍ରାଷ୍ଟ୍ରକ୍‌ଚର' ପୁରସ୍କାର



ଭୁବନେଶ୍ୱର : ବେଦାନ୍ତ ଆଲୁମିନିୟମ ଭାରତର ବୃହତ ଆଲୁମିନିୟମ ଓ ମୂଲ୍ୟଯୁକ୍ତ ଉତ୍ପାଦ ନିର୍ମାତା ଆଇଡିସି ଡିଜିଟାଲ ଟ୍ରାନସମିଶନ (ଡିଏକ୍‌ସ) ସମ୍ମେଳନୀ ଇଣ୍ଡିଆ ଓ ଫ୍ୟୁଚର ଏଂଟରପ୍ରାଇଜ ଆୱାର୍ଡ ୨୦୨୧ରେ ଭବିଷ୍ୟତ ପାଇଁ ସର୍ବୋତ୍କୃଷ୍ଟ ଡିଜିଟାଲ ଇନଫ୍ରାଷ୍ଟକଚର ପୁରସ୍କାର ଲାଭ କରିଛି। ଏହି ସମ୍ମାନଜନକ ଆଇଡିସି ଫ୍ୟୁଚର ଏଂଟରପ୍ରାଇଜ ପୁରସ୍କାର ସମାରୋହ ବୈଷୟିକ ଉଦ୍ୟୋଗ ଗୁଡ଼ିକ ଯେଉଁମାନେ ଡିଜିଟାଲ ଅର୍ଥନୀତିର ଆହ୍ୱାନକୁ ମୁକାବିଲା କରି ସଫଳତାର ସହ କାର୍ଯ୍ୟରତ ଅଛନ୍ତି ସେମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ବ୍ୟବସ୍ଥା। ବେଦାନ୍ତ ଆଲୁମିନିୟମ ତାର ସ୍ମେଲଟର ଓ ପାୱାର ପରିଚାଳନାରେ ଡିଜିଟାଲ ସ୍ମେଲଟର ଓ ୱାଇ ଫାଇ୬ ପ୍ରୋଜେକ୍ଟକୁ ଆପଣାଇ ସର୍ବୋତ୍କୃଷ୍ଟ ଡିଜିଟାଲ ଇନଫ୍ରାଷ୍ଟକଚର ପୁରସ୍କାର ଲାଭ କରିଛି। ବେଦାନ୍ତ ହେଉଛି ଭାରତରେ ପ୍ରଥମ ଏବଂ ବିଶ୍ୱରେ ତୃତୀୟ ଆଲୁମିନିୟମ ସ୍ମେଲଟର ଏହାର ଝାରସୁଗୁଡ଼ା ପ୍ଲାଂଟରେ ଡିଜିଟାଲ ସ୍ମେଲଟର ବୈଷୟିକୀ ନିୟୋଜିତ କରିବା, ଯାହା ବିଶ୍ୱର ସର୍ବବୃହତ ଏକକ ଅବସ୍ଥାନ ଆଲୁମିନିୟମ ସ୍ମେଲଟର ଅଟେ ଯାହା ଦୂରବର୍ତ୍ତି ମନିଟରିଂ ଓ ପୋଟଲାଇନ ପରିଚାଳନା ଓ ନିୟନ୍ତ୍ରଣ ପାଇଁ ଶକ୍ତି ଦକ୍ଷତା ବୃଦ୍ଧି କରେ। କଂଚାମାଲ ବ୍ୟବହାରକୁ କମ କରେ ଓ ସୁଦୂର ପରାମର୍ଶ ପ୍ରଣାଳୀ ମାଧ୍ୟମରେ ସାମଗ୍ରୀର ଅପଚୟକୁ ହ୍ରାସ କରେ। ରିଅଲ ଟାଇମ ଡାଟା ପ୍ରସ୍ତୁତି କରିବା ସହ ପରିଚାଳନା ସ୍ତରକୁ ସୁଦୃଢ କରିଥାଏ।କଂପାନି ଉଚ୍ଚ କ୍ଷମତା ସଂପନ୍ନ ୱାଇ ଫାଇ ୬ ନେଟଓ୍ୱର୍କକୁ କାର୍ଯ୍ୟକାରୀ କରୁଛି, ଯାହା ଭବିଷ୍ୟତ ପାଇଁ ପ୍ଲାଂଟ ନେଟଓ୍ୱର୍କରେ ୫ଜି ଟେକ୍‌ନୋଲୋଜି ସହ ସମାନ, ନିରାପଦ ଓ ଉଚ୍ଚଗତି ସଂପନ୍ନ ସଂଯୋଗ ସୁବିଧା ହୋଇପାରିବ। ଏଥିରେ କେନ୍ଦ୍ରିକୃତ ମନିଟରିଂ ଓ ମ୍ୟାନେଜମେଂଟ ସିଷ୍ଟମ ରହିଛି ଯାହା ପାରଂପାରିକ ରକ୍ଷଣାବେକ୍ଷଣ ଖର୍ଚ୍ଚକୁ କମ କରିଥାଏ।କଂପାନିର ଡିଜିଟାଲ ସଂସ୍କାର ସଂପର୍କରେ ଶ୍ରୀ ରାହୁଲ ଶର୍ମା, ସିଇଓ-ଆଲୁମିନା ବିଜିନେସ, ବେଦାନ୍ତ ଲିମିଟେଡ କହିଛନ୍ତି ଯେ ଆମେ ଭବିଷ୍ୟତ ପାଇଁ ସମନ୍ୱିତ ସର୍ବୋତ୍କୃଷ୍ଟ ଶ୍ରେଣୀର ଡିଜିଟାଲ ସମାଧାନ କରିପାରିବୁ। ଏହା ଦ୍ୱାରା କାର୍ଯ୍ୟକ୍ଷେତ୍ରରେ ଯଥାର୍ଥ ଉପଯୋଗୀତା ସମ୍ଭବ ହୋଇ ପାରିବ, ଯାହା ଭବିଷ୍ୟତ ପାଇଁ ଆଲୁମିନିୟମକୁ ସବୁଜ ଧାତୁର ସ୍ୱପ୍ନ ପୂରଣରେ ଆମକୁ ସହାୟତା କରିବ। ବେଦାନ୍ତ ଆଲୁମିନିୟମ ସମନ୍ୱିତ ଅଟୋମେଶନ ଓ ଆଉ କିଛି ପ୍ରମୁଖ ଅଭିନବ ପ୍ରଣାଳୀ ଓ ବୈଷୟିକୀ ପ୍ରଣୟନ କରିବା ସହ ନିମ୍ନ ଲିଖିତ କାର୍ଯ୍ୟ ପରିଚାଳନା କରିବ: ଏହାର ପାୱାର ପ୍ଲାଂଟ ପରିଚାଳନାରେ ଆଡଭାନସଡ ଆସେଟ କାର୍ଯ୍ୟ ଦକ୍ଷତାରେ ପ୍ରଥମ ଇଣ୍ଡଷ୍ଟ୍ରିର ଡିପ ଲର୍ନିଂ ଆଲଗୋଦରିଦିମ ଓ ଅନ୍ୟାନ୍ୟ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରିବ। ଗୁରୁତ୍ୱପୂର୍ଣ୍ଣ ପ୍ଲାଂଟ ପରିଚାଳନା ପଦ୍ଧତିରେ ଦୃଶ୍ୟତାକୁ ସୁନିଶ୍ଚିତ କରିବା ଓ ଦୂରରୁ ନିଷ୍ପତି ନେବା ପ୍ରକ୍ରିୟା ସହ କର୍ମଚାରୀମାନେ ସାମାଜିକ ଦୂରତା ରଖି କାର୍ଯ୍ୟ କରିବା ଅନୁଧ୍ୟାନ କରାଯାଇପାରିବ। କୋଇଲା, ଆଲୁମିନା ଓ ବକ୍ସାଇଟ ପାଇଁ ଡିଜିଟାଲ ଲଜିଷ୍ଟିକ କଂଟ୍ରୋଲ ଟାୱାରଗୁଡ଼ିକୁ ବିକଶିତ କରାଯାଇଛି ଯାହା କ୍ଲାସିକାଲ ମେସିନ ଲର୍ନିଂ ଓ ଓଆର ଭିତିକ ଗାଣିତିକ ମଡେଲିଂ ଦ୍ୱାରା ପଣ୍ୟଦ୍ରବ୍ୟର ମୂଲ୍ୟକୁ କମ କରିବାରେ ସହାୟତା କରିବ, ନଷ୍ଟ ଓ ହେରଫେର କମିବ। ଏହା ଦ୍ୱାରା ଉତ୍ପାଦିତ ସାମଗ୍ରୀର ଗୁଣମାନ ଅତୁଟ ରହିପାରିବ। ଏକ ସେଂଟ୍ରାଲାଇଜଡ ସର୍ଭିଲାନସ ସିଷ୍ଟମ ଭିଡିଓ ଆନାଲିଟିକ୍‌ସ, ଡ୍ରୋନ ଓ ଭିଡିଓ ମ୍ୟାନେଜମେଂଟ ସିଷ୍ଟମ ମାଧ୍ୟମରେ ରିଅଲ ଟାଇମ ଆଲର୍ଟ ବ୍ୟବହାର କରି ବେଦାନ୍ତ ଆଲୁମିନିୟମ ସୁରକ୍ଷା କାର୍ଯ୍ୟକୁ ତଦାରଖ କରିବ। ଇମେଜ ଆନାଲିଟିକ୍ସ ବ୍ୟବହାର କରି ସ୍ୱାସ୍ଥ୍ୟ, ନିରାପତା ଓ ପରିବେଶ ଉତ୍କର୍ଷତା ବୃଦ୍ଧି ପାଇଁ ପ୍ରୟାସ କରାଯିବ। ବେଦାନ୍ତ ଆଲୁମିନିୟମ ଜଟିଳ ଓ ବିଭିନ୍ନ ପ୍ରକାର ପଣ୍ୟ ସାମଗ୍ରୀକୁ ଇ କ୍ରୟ ପ୍ଲାଟଫର୍ମ ମାଧ୍ୟମରେ ପରିଚାଳନା କରିବ। ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିରେ ହଟ ସ୍ପଟ ଚିହ୍ନଟ ପାଇଁ ଏକାଧିକ ପ୍ଲାଂଟ ସାଇଟରେ ରିଅଲ ଟାଇମର ବ୍ୟବହାର କରାଯାଇ ସଂପଦର ଉପଯୋଗୀତା ବୃଦ୍ଧି ପାଇଁ ପ୍ରୟାସ କରାଯିବ। .ବେଦାନ୍ତ ଆଲୁମିନିୟମ ଓ ପାୱାର ହେଉଛି ବେଦାନ୍ତ ଲିମିଟେଡ଼ର ଏକ ଅଂଶ ଯିଏକି ଭାରତର ଅଗ୍ରଣୀ ଆଲୁମିନିୟମ ନିର୍ମାତା ପ୍ରାୟତଃ ଏହା ଭାରତର ଅର୍ଦ୍ଧେକ ଆଲୁମିନିୟମ ଉତ୍ପାଦନକାରୀ। ଆର୍ଥିକ ବର୍ଷ ୨୧ ରେ ୧.୯୬ ନିୟୁତ ଟନ୍ ଆଲୁମିନିୟମ ଉତ୍ପାଦନ କରିଥିବା ସଂସ୍ଥା। ବେଦାନ୍ତ ମୂଲ୍ୟଯୁକ୍ତ ଆଲୁମିନିୟମ ଉତ୍ପାଦ ନିର୍ମାଣ କରିବାରେ ଅଗ୍ରଣୀ ଭୂମିକା ନିର୍ବାହ କରିବା ସହ ଔଦ୍ୟୋଗିକ କ୍ଷେତ୍ରରେ ସର୍ବବୃହତ ଜ୍ଞାନକୌଶଳକୁ ଆପଣାଇ ବିଶ୍ୱ ଶ୍ରେଣୀୟ ସ୍ମେଲ୍‌ଟର, ପାୱାର ପ୍ଲାଂଟ ଓ ଆଲୁମିନା ରିଫାଇନାରୀ କାର୍ଯ୍ୟ କରୁଛି। ଏକ ସବୁଜ ଭବିଷ୍ୟତ ପାଇଁ ମେଟାଲ ଅଫ୍ ଦି ଫ୍ୟୁଚର ଭାବରେ ଆଲୁମିନିୟମର ପ୍ରୟୋଗକୁ ପ୍ରସାରିତ କରିବା ପାଇଁ କମ୍ପାନୀ ତାର ଲକ୍ଷ୍ୟ ପୂରଣ କରୁଛି।

## ସମାଜସେବୀ ଲୋହିତ ଦାସଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା : ଜିଲ୍ଲା ପ୍ରତିଭା ସଂସଦ ଆନୁକୂଲ୍ୟରେ ସମାଜସେବୀ ତଥା ରାଜ୍ୟର ଜଣେ ଉଦ୍ୟୋଗପତି ସ୍ୱର୍ଗତ ରୋହିତ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ କେନ୍ଦ୍ରାପଡା ସହରର ମନକରପୁରସ୍ଥିତ ରେସ୍‌ୱା ସ୍ୱେଚ୍ଛାସେବୀ ଅନୁଷ୍ଠାନ କାର୍ଯ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସଂସଦର ସଭାପତି ପ୍ରଦିପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରାର୍ଥନା ସଭାରେ ଦେନା ବ୍ୟାଙ୍କର ଅବସରପ୍ରାପ୍ତ ପ୍ରଶାସକ ଗୁରୁ ପ୍ରସାଦ ମହାନ୍ତି, ସମାଜସେବୀ ଗାୟତ୍ରୀ ମହାନ୍ତି, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ କମଳନୟନ ଦାସ ଓ ସାମ୍ବାଦିକ ଚିତ୍ତରଞ୍ଜନ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ଦାସଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ପ୍ରଥମେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇ ସ୍ୱର୍ଗତ ଦାସଙ୍କ ଅମର ଆତ୍ମାର ସଦଗତି କାମନା କରାଯାଇଥିଲା। ଏହି ଅବସରରେ ରେସ୍‌ୱା ସ୍ୱାଧାର ଗୃହର ଅନ୍ତେବାସୀମାନଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗାଙ୍ଗପଡା ପଞ୍ଚାୟତ ସମିତି ସଭ୍ୟା ମମତାରାଣୀ ଧଳ, ରେସ୍‌ୱାର ସେକ ଲିଆକତ ହୁସେନଙ୍କ ସମେତ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଶେଷରେ ରେସ୍‌ୱା ସ୍ୱାଧାର ଗୃହର ଅଧିକ୍ଷିକା ମୀନତି ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ସଡକ ଦୁର୍ଘଟଣାରେ ତିନି ଗୁରୁତ୍ୱର



ବାଲିଅନ୍ତା /ଧଉଳି : ଉତ୍ତରା ଫାଣ୍ଡି ଅନ୍ତର୍ଗତ ପୁବାଶାସନ ଗ୍ରାମପଂଚାୟତ ସିଫାର ଦ୍ୱୀତିୟ ଫାଟକ ସମ୍ମୁଖରେ ଗୁରୁବାର ସଂଧ୍ୟା ସମୟରେ ଏକ ତିନି ଜଣ ଛାତ୍ର ସାଇକେଲ୍‌ରେ ଟିଉସନ୍ ଯିବା ସମୟରେ ହୁଣ୍ଡାଇ ଆଇ ଟୋଣ୍ଟି କାର ପଛରୁ ଧକ୍କା ଦେବା ସହ ରାସ୍ତା ପାଖରେ ଥିବା ଏକ ମୋଟର ସାଇକେଲକୁ ଧକ୍କା ଦେଇଥିଲା ଘଟଣା ସ୍ଥଳରେ ୩ଜଣ ଛାତ୍ର ଗୁରୁତ୍ୱର ଭାବେ ଆହତ ହୋଇଥିଲେ। । ଆହତ ମାନେ ସ୍ଥାନୀୟ ପୂବାଶାସନ ଅଂଚଳର ସୋନୁ, ସିନ୍ଧୁ ଓ ରାଜୁ ଗୁରୁତ୍ୱର ଭାବେ ଆହତ ହୋଇଥିଲେ । ସ୍ଥାନୀୟ ଜନସାଧାରଣ ଓ ପଥଚାରୀ ସେମାନଙ୍କୁ ଉଦ୍ଧାର କରିବା ସହ ୧୦୮ ଆମ୍ବୁଲାନ୍ସ ଯୋଗେ ମେଡିକାଲ ପଠାଇଛନ୍ତି । ସାଇକେଲ୍ ଉପରେ ଗାଡି ମାଡିଯିବା କାରଣରୁ ୩ଟି ସାଇକେଲ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଅଂଚଳର ଜନସାଧାରଣ ସୂଚନା ପାଇ ରାସ୍ତା ଉପରେ ନିଆଁ ଲଗାଇ ରାସ୍ତାକୁ ସମ୍ପୂର୍ଣ୍ଣ ରୂପେ ଅବରୋଧ କରିଥିଲେ । ସଂଗେ ସଂଗେ ଖବର ପାଇ ସ୍ଥାନୀୟ ଉତ୍ତରା ଫାଣ୍ଡି ପିସିଆର ଘଟଣା ସ୍ଥଳରେ ପଂହଚି ଜନସାଧାରଣଙ୍କୁ ବୁଝାସୁଝା କରିଥିଲେ । କିନ୍ତୁ ଉତ୍ୟକ୍ତ ଜନସାଧାରଣ ୩୧୬ ଜାତୀୟ ରାଜପଥ ଉପରେ କ୍ଷୟ କ୍ଷେତି ପୂରଣ ଦାବି ନେଇ ହୋ ହାଲା କରିଥିଲେ । ଯାହା ଫଳରେ କଟକ ପୁରୀ ବାଇପାସ୍ ଯାତାୟତ କିଛି ସମୟ ପାଇଁ ବନ୍ଦ ହୋଇଯାଇଥିଲା । ଉତ୍ତରା ଫାଣ୍ଡି ଅଧିକାରୀ ଜନସାଧାରଣଙ୍କୁ ବୁଝାସୁଝା କରି କାରଟିକୁ ଜବତ କରି ତଦନ୍ତ ଚାଲୁ ରଖିଥିବାବେଳେ କାର୍ ଚାଳକ ଫେରାର ଅଛି ।

# ସରକାର ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କୃଷି ସହାୟତା ଯୋଗାଇ ଦେବାକୁ କିଷାନ କଂଗ୍ରେସର ଦାବି

ଭୁବନେଶ୍ୱର: ଚଳିତବର୍ଷ ଖରିଫ ଫସଲରେ ବ୍ୟାପକ କ୍ଷୟ କ୍ଷତି ଘଟିଛି। ବହୁ ଅଞ୍ଚଳରେ ଚାଷ ଜମି ପଡ଼ିଆ ପଡ଼ିଛି। ଚାଷ ଆରମ୍ଭରୁ ରାଜ୍ୟର ୩୦ଟି ଜିଲ୍ଲା ମଧ୍ୟରୁ ୨୭ଟି ଜିଲ୍ଲାରେ ହୋଇଥିବା ମରୁଡ଼ିକୁ ଆଖିରେ ନ ଦେଖିଲେ ବିଶ୍ୱାସ କରି ହେବନାହିଁ। ପ୍ରାୟତଃ ୧୦ଟି ଜିଲ୍ଲାର ମରୁଡ଼ି ପରିସ୍ଥିତି ଅତ୍ୟନ୍ତ ଗମ୍ଭୀର ଥିଲା। ପରବର୍ତ୍ତୀ ସମୟରେ ଖରିଫ୍ ଋତୁର ଶେଷ ଦୁଇମାସ ଆଡ଼କୁ ମାତ୍ରାଧିକ ବର୍ଷା ହେବାଦ୍ୱାରା ବହୁ ଫସଲ ଉଜୁଡ଼ିଗଲା। ସରକାର ଘୋଷଣା କରିଥିଲେ ମରୁଡ଼ିଦ୍ୱାରା ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦିଆଯିବ। ପରିବର୍ତ୍ତୀ ସମୟରେ ମଧ ବର୍ଷା ବିପ୍ରାଦ ହୋଇ ଏହା ଏକ ମହା ବିପତ୍ତି। ତେଣୁ ରାଜ୍ୟ ସରକାର ଫସଲ କ୍ଷୟକ୍ଷତିର ଆକଳନ କରି ଚାଷୀଙ୍କୁ ସହାୟତା ଦେବେ ବୋଲି ଦେଇଥିବା ପ୍ରତିଶ୍ରୁତି ଏବେ ଭୁଲି ଯାଇଥିବା ମନେ ହେଉଛି। ଏହି ଦିଗରେ ସରକାରୀ ସ୍ତରରେ ବର୍ତ୍ତମାନ ସେପରି ତତ୍ପରତା ପ୍ରକାଶ ପାଉନଥିବା ଜଣାପଡୁଛି ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧକ୍ଷ ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି। ତେଣୁ ସରକାରଙ୍କ ପକ୍ଷରୁ କୃଷି, ରାଜସ୍ୱ ଓ ପରିସଂଖ୍ୟାନ ବିଭାଗ ମିଳିତ ଭାବେ ରାଜ୍ୟର ମରୁଡ଼ି ଓ ଅତିଶୟ ବର୍ଷା ଦ୍ୱାରା ଫସଲ କ୍ଷତିଗ୍ରସ୍ତ ଅଞ୍ଚଳକୁ ଗସ୍ତକରି ଚାଷୀମାନଙ୍କୁ ବିଭିନ୍ନ କୃଷି ସହାୟତା ଯୋଗାଇ ଦିଅନ୍ତୁ। ବିଶେଷ କରି ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରତି ଏକର ପିଛା ୨୦ ହଜାର ଟଙ୍କା ଆର୍ଥିକ ସହାୟତା, ସମ୍ପୂର୍ଣ୍ଣ ଖରିଫ୍ କୃଷି ଋଣ ଛାଡ଼, ବିନା ସୁଧରେ ଏକଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱଳ୍ପ ମିଆଦି ରବି ଋଣ ଯୋଗାଣ, ବକେୟା ବିଜୁଳି ଓ ଜଳକର ଛାଡ଼, ମାଗଣାରେ ଉନ୍ନତମାନର ପ୍ରାମାଣିକ ବିହନ ଓ ପନିପରିବା ମଞ୍ଜି ଯୋଗାଣ, ୯୦ ପ୍ରତିଶତ ରିହାତିରେ ସୋଲାର ପମ୍ପ ଯୋଗାଣ, ୫୦ ପ୍ରତିଶତ ରିହାତିରେ ଚାଷ କାର୍ଯ୍ୟପାଇଁ ଡିଜେଲ ଯୋଗାଣ, ପ୍ରଧାନମନ୍ତ୍ରୀ ଫସଲବୀମା କ୍ଷତିପୂରଣ ତୁରନ୍ତ ପ୍ରଦାନ କରିବା ସହିତ ରବିଧାନ ଚାଷ ପାଇଁ ତ୍ୱରୀତ ପଦକ୍ଷେପ, ସମସ୍ତ ଚାଷୀଙ୍କୁ କାଳିଆ ଓ ପି.ଏମ. କିଷାନ ନିଧି ଯୋଜନାରେ ଅନ୍ତର୍ଭୁକ୍ତ କରିବା, ଅଚଳ ଉଠା ଜଳସେଚନ ପଏଣ୍ଟଗୁଡ଼ିକ କାର୍ଯ୍ୟକାରୀ, ଅନ୍ୟାନ୍ୟ ଜଳସେଚନ ବ୍ୟବସ୍ଥାକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ପିସିସି କିଷାନ କଂଗ୍ରେସ ପକ୍ଷରୁ ଅଧକ୍ଷ ଶ୍ରୀ ପଟ୍ଟନାୟକ ଦୃଢ଼ ଦାବି କରିଛନ୍ତି।

# କଂଗ୍ରେସର ଟିପିସିଓଡିଏଲ୍‌ର ବିରୋଧରେ ବିକ୍ଷୋଭ ଓ ଆନ୍ଦୋଳନ

ଭୁବନେଶ୍ୱର: ଟିପିସିଓଡିଏଲ୍‌ର ବିରୋଧରେ ସ୍ଥାନୀୟ ଫୁଲନଖରା ଛକ ନିକଟସ୍ଥ ସବଡିଭିଜନ କାର୍ଯ୍ୟାଳୟ ଠାରେ କଂଗ୍ରେସ ପକ୍ଷରୁ ଗଣ ଆନ୍ଦୋଳନ କରାଯାଇଛି। କୋଭିଡ ସମୟରେ ଲୋକମାନଙ୍କର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଥିବା ସମୟରେ ଦେଢ଼ ବର୍ଷ ଆଦାୟ ହୋଇନଥିବା ବିଦ୍ୟୁତ ବିଲ୍‌କୁ ଜୋର ଜବରଦସ୍ତ ଆଦାୟ କରୁଥିବାରୁ ଭୁବନେଶ୍ୱର ଜିଲ୍ଲାର ତିନିନମ୍ବର ଜୋନର ସଭାପତି ବ୍ରହ୍ମାନନ୍ଦ ସାହୁ ଓ ଦୁଇ ନମ୍ବର ବ୍ଲକ ସଭାପତି ଅଶୋକ ଦାସଙ୍କ ନେତୃତ୍ୱରେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ପରେ ଏକ ପ୍ରତିନିଧି ମଣ୍ଡଳୀ ଟିପିସିଓଡିଏଲ ମୁଖ୍ୟଙ୍କ ଉଦ୍ଦେଶ୍ୟରେ କନିଷ୍ଠ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ବରିଷ୍ଠ କଂଗ୍ରେସ ନେତା ତଥା ପିସିସି ଉପସଭାପତି ଶିବାନନ୍ଦ ରାୟ, କଟକ ଜିଲ୍ଲା କଂଗ୍ରେସ ସଭାପତି ମାନସ ଚୌଧୁରୀ, ପୂର୍ବତନ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ମନୋରଞ୍ଜନ ଦାଶ, ସୁବ୍ରତ ମହାପାତ୍ର, ମିହିର ଆଚାର୍ଯ୍ୟ, ଆତ୍ମାରାମ ପତି ପ୍ରମୁଖ ଉଦବୋଧନ ଦେଇ କହିଥିଲେ ଯେ ଟାଟା କମ୍ପାନୀ ଆଉ ବିଜୁଜନତା ଦଳର ମୁଖ୍ୟ ନବୀନ ପଟ୍ଟନାୟକଙ୍କ ମଧ୍ୟରେ ମଧୁଚନ୍ଦ୍ରିକାରେ ଯେଉଁ ଖେଳ ଚାଲିଛି ତାହାର ଫାଇଦା ନେଇ ଟାଟା କମ୍ପାନୀ ଓଡ଼ିଶାବାସୀଙ୍କୁ ଶୋଷଣ କରୁଛନ୍ତି। ତାକୁ ଆଉ ବରଦାସ୍ତ କରାଯିବନି। ଟାଟା କମ୍ପାନୀ ବିରୋଧରେ ଗଳି କନ୍ଦିରେ ଆନ୍ଦୋଳନ କରାଯିବା ସହ ଟାଟା କମ୍ପାନୀର ମନୋମୁଖି କାର୍ଯ୍ୟକ୍ରମ ବିରୋଧରେ ସମସ୍ତ କଂଗ୍ରେସ କର୍ମୀ ଲଢ଼େଇ କରିବେ ଏବଂ ଟାଟା କମ୍ପାନୀ ପୁରୁଣା ମିଟର ଥିବାରୁ ତାଙ୍କ ନୂଆ ମିଟର ବସେଇବାର ଆବଶ୍ୟକତା କୁ ନିନ୍ଦା କରିଥିଲେ।

# କଟକ ସଦର ଥାନା ଦୂର୍ଗାପୂଜା ପ୍ରସ୍ତୁତି ବୈଠକ

ଫୁଲନଖରା : କଟକ ସଦର ଥାନା ଅଧିକାରୀ ସୁଧାଂସୁ ଭୂଷଣ ଜେନାଙ୍କ ଆହ୍ୱାନ କ୍ରମେ ଥାନା ଅଂଚଳରେ ପାଳନ କରାଯାଉଥିବା ଦୂର୍ଗାପୂଜା ପ୍ରସ୍ତୁତି ବୈଠକ ମା' ଧାକୁଲେଇ ପୀଠ ପ୍ରତାପନଗରୀ ସଭା ଗୃହରେ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ କଟକ ଡି.ସି.ପି. ପ୍ରତିକ୍ କୁମାର ସିଂହ, କଟକ ମହାନଗର ନିଗମ ସଭାପତି ବିଜୟ କୁମାର ସାହୁ, ସଂପାଦକ ଭୀକାରି ଚରଣ ଦାସ, ପୂର୍ବାଚଂଳ ପୂଜାକମିଟି ବିଜୟ କୁମାର ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ । କୋରଣା ସଂକ୍ରମଣ ପରିପ୍ରେକ୍ଷିରେ ସରକାରଙ୍କର ପୂଜାକଟକଣା ବିଭିନ୍ନ ପ୍ରକାର ଗାଇଡ୍ ଲାଇନ୍ କଟକ ଡି.ସି.ପି. ଶ୍ରୀ ସିଂହ ଉପସ୍ଥିତ ଥିବା ସମସ୍ତ ପୂଜା କମିଟି କର୍ମକର୍ତାଙ୍କ ଅବଗତ କରିଥିଲେ, ଯଥା :- ମାଇକି, ସାଉଣ୍ଡଲ ବକ୍ସ ଇତ୍ୟାଦି ବ୍ୟବହାର କରିବାକୁ ମନା । ମଣ୍ଡପର ତିନିପାଖ ବନ୍ଦ ରହିବ, ସମ୍ମୁଖ ଭାଗ ପରଦା ଟଣାହେବ ଏବଂ ପରଦା ଖୋଲି ଭକ୍ତମାନେ ଦର୍ଶନ କରିପାରିବେ, ଯାହା ଫଳରେ ବେଶୀ ଗହଳି ହେବ ନାହିଁ । ଆମ୍ଭମାନଙ୍କୁ କୋର୍ଟ ନିତିନିୟମକୁ ମାନି ପାରବଣ ଉତ୍ସବ କରିବାକୁ ପଡିବ ବୋଲି ଶ୍ରୀ ସିଂହ କରିଥିଲେ । ମାତ୍ର ୭ ଜଣଙ୍କୁ ନେଇ କର୍ମକର୍ତା ପୂଜା ପାର୍ବଣ ଦାୟିତ୍ୱ ତୁଲାଇବେ, ତାଙ୍କ ତାଲିକା ସଂପୃକ୍ତ ଥାନା ଅଧିକାରୀଙ୍କୁ ଦେବାକୁ ପଡିବ । ସମୟ ୮ଘଟିକା ପରେ ନାଇଟ୍ କର୍ଫ୍ୟୁ ପାଳନ ଉପରେ ଗୁରୁତ୍ୱ ଦେଇଥିଲେ । ଏଥିରେ ପୂଜା କମିଟିର ଦିଲିପ୍ କୁମାର ସ୍ୱାଇଁ, ଲଳିତ କୁମାର ଦାଶ, ରାଜେସ ସ୍ୱାଇଁ, କୈାଶିକ ଜେନା, ସୁକାନ୍ତ ଭୋଇ, ବିକ୍ରମ ଶତପଥି, ନଳିନୀ କୁମାର ସ୍ୱାଇଁ, ଲିଙ୍ଗରାଜ ମହାନ୍ତି,ପ୍ରତାପ ନଗରୀ ଗ୍ରାମ୍ୟ କମିଟି ସଭାପତି ପ୍ରମୋଦ ସ୍ୱାଇଁ ଓ ପୂଜା କମିଟିର ପ୍ରମୋଦ ବେହେରାଙ୍କ ସମେତ ୫୦ରୁ ଉର୍ଦ୍ଧ କର୍ମକର୍ତା ଉପସ୍ଥିତ ଥିଲେ । ଶେଷରେ ଏ.ସି.ପି. ଚନ୍ଦନ ଘଡେଇ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । କୋଭିଡ୍ ନିୟମରେ ଗତବର୍ଷ ଭଳି ଚଳିତ ବର୍ଷ ୨୦୨୧ ପବିତ୍ର ଦୂର୍ଗାପୂଜା ପାର୍ବଣ ଉତ୍ସବ ପାଳନ କରାଯିବାକୁ ସମସ୍ତ କର୍ମକର୍ତା ମତ ଦେଇଥିଲେ ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray